ଟିପ୍ପଣୀ

# ୨୬

# ରାଷ୍ଟ୍ରୀୟ ମୁକ୍ତି ଆନ୍ଦୋଳନ : ଅଣ ଉପନିବେଶବାଦ ଓ ବିକାଶ ୧୯୪୫-ବର୍ତ୍ତମାନ

ବିଂଶ ଶତାବ୍ଦୀରେ ଔପନିବେଶିକ ଶାସନ ଅଧୀନରେ ଥିବା ଲକ୍ଷ ଲକ୍ଷ ଲୋକ ପ୍ରତ୍ୟକ୍ଷ ଅଥବା ପରୋକ୍ଷ ଭାବରେ ରାଷ୍ଟ୍ରୀୟ ସ୍ୱାଧୀନତା ଆନ୍ଦୋଳନରେ ସାମିଲ ହୋଇଥିଲେ। ୧୯୪୫ରୁ ୧୯୮୦ ମଧ୍ୟରେ ଏସିଆ, ଆଫ୍ରିକା, ଓସିଆନା (ପଶ୍ଚିମ ପ୍ରଶାନ୍ତ ମହାସାଗରରେ ଥିବା)ଏବଂ କାରିବିୟାନ ଦେଶ ଗୁଡିକରେ ଯାହାକି ୟୁରୋପୀୟ ଜାପାନୀ ଏବଂ ଆମେରିକୀୟ ଶାସନ ଅଧିନରେ ଥିଲେ ସେ ସମସ୍ତ ରାଷ୍ଟ୍ରଗୁଡିକ ନିଜ ନିଜକୁ ନୂତନ ସ୍ୱାଧୀନ ରାଷ୍ଟ୍ର ହିସାବରେ ସଂଗଠିତ କରି ପାରିଥିଲେ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ (୧୯୩୯-୪୫)ପରାଜିତ ଶକ୍ତି ଜର୍ମାନୀ ଏବଂ ଜାପାନର ସାମ୍ରାଜ୍ୟବାଦୀ ଏବଂ ବିସ୍ତାରବାଦୀ ଲକ୍ଷ ପଣ୍ଡ ହୋଇ ଯାଇଥିଲା। ଏପରିକି ବ୍ରିଟେନ, ଫ୍ରାନ୍ସ ଏବଂ ନେଦରଲ୍ୟାଣ୍ଡ ଭଳି ବିଜୟୀ ଔପନିବେଶିକ ରାଷ୍ଟ୍ରମାନେ ମଧ୍ୟ ନିଜର ସାମ୍ରାଜ୍ୟବାଦୀ ପ୍ରତିଶ୍ରୁତିକୁ ପୂର୍ଣ୍ଣ କରିବା ପାଇଁ ଅସମର୍ଥ ହୋଇଥିଲେ। ଏଥି ସହିତ ସେମାନଙ୍କର ନେତୃ ବୃନ୍ଦ ଔପନିବେଶବାଦକୁ ସମାପ୍ତ କରିବା ପାଇଁ ଉପନିବେଶର ଜନସାଧାରଣ ଏବଂ ଜାତୀୟ ନାଗରିକମାନଙ୍କ ତରଫରୁ କେବଳ ନୁହେଁ ବରଂ ଦ୍ୱୟ ନୂତନ ମହାଶକ୍ତି ଯଥା ଆମେରିକା ଏବଂ ସୋଭିଏତ୍ ଋଷ ତରଫରୁ ମଧ୍ୟ ଚାପ ପଡ଼ିଥିଲା । ୧୯୪୫ ପରେ ଅଧିକାଂଶ ପଶ୍ଚିମ ଆଫ୍ରିକା, ଫିଲିପାଇନସ (ଆମେରିକାର ଏସିଆରେ ଥିବା ଉପନିବେଶ) ଏବଂ ଅନ୍ୟ କେତେକ ଅଞ୍ଚଳଗୁଡ଼ିକ ଅତ୍ୟଧିକ ରକ୍ତାକ୍ତ ସଂଘର୍ଷ ବିନା ସ୍ୱାଧୀନତା ପ୍ରାପ୍ତ ହୋଇଥିଲା । କେବଳ ଆଲଜିରିୟା, ଇଣ୍ଡୋ-ଚୀନ, ମଳୟ, ଏଙ୍ଗୋଲା, ମୋଜାମ୍ବିକ ଏବଂ ଅନ୍ୟ ରାଜ୍ୟଗୁଡ଼ିକ ବର୍ଷ ବର୍ଷ ଧରି ସ୍ୱାଧୀନତା ସଂଗ୍ରାମ ଚଳାଇ ସ୍ୱାଧୀନତା ପ୍ରାପ୍ତ କରିଥିଲେ ।

ରାଜନୈତିକ ସ୍ୱାଧୀନତା ଉପନିବେଶର ଜନତା ଦେଖୁଥିବା ସୁବିଧା-ସୁଯୋଗର ସ୍ୱପ୍ନକୁ ସଂଗେ ସଂଗେ ସାକାର କରିନଥିଲା । ନୂତନ ରାଷ୍ଟ୍ରର ଆର୍ଥିକ-ବିକାଶ ତଥା ଆଧୁନିକୀକରଣର ସମସ୍ୟା ଗୁଡ଼ିକର ସମ୍ମୁଖୀନ ହେବାକୁ ପଡ଼ିଥିଲା ଏବଂ ଏହାର ସମାଧାନ କରିବା ପାଇଁ ସେମାନଙ୍କୁ "ନବ-ଉପନିବେଶୀକରଣ"(Neo-colonialism) ଠାରୁ ବଞ୍ଚିବାର ଉପାୟ ଏବଂ ବୁଦ୍ଧିର ଆବଶ୍ୟକତା ଅନୁଭବ କରିଥିଲେ । ଅଧିକାଂଶ ସ୍ୱାଧୀନ ରାଷ୍ଟ୍ରଗୁଡ଼ିକର ଜୀବନଶୈଳୀ ପଶ୍ଚିମ-ୟୁରୋପ ତଥା ଉତ୍ତର-ଆମେରିକାର ବିକଶିତ ଦେଶମାନଙ୍କ ସହିତ ସମାନ ନଥିଲା । ଆଜିକାଲି ମଧ୍ୟ ଅନେକ ବ୍ୟକ୍ତି ଉକ୍ତ ମତପୋଷଣ କରନ୍ତି ଯେ ପୂର୍ବର ସ୍ୱାଧୀନ ଜାତୀୟତା ଭିତ୍ତିକ ରାଷ୍ଟ୍ରମାନଙ୍କରେ (Nation-States) ଏବେ ବି ଔପନିବେଶିକ ଆଧିପତ୍ୟର ସ୍ୱରୂପ ତଥା ଶୋଷଣ ମଧ୍ୟ ବିଦ୍ୟମାନ।



ଟିପ୍ପଣୀ

## ଉଦ୍ଦେଶ୍ୟ

ଏହାର ଅଧ୍ୟୟନ ପରେ ତୁମେ

- ରାଷ୍ଟ୍ରର ସ୍ୱାଧୀନତା ଆନ୍ଦୋଳନ ବିଷୟରେ ଜାଣିବ ।
- ଔପନିବେଶିକତାବାଦରୁ ମୁକ୍ତି ପାଇଁ ବିଶ୍ୱ ରାଜନୀତିର ଭୂମିକାକୁ ବିଶ୍ଳେଷଣ କରିପାରିବ ।
- ପରବର୍ତ୍ତୀ ଔପନିବେଶିକବାଦ ଯୁଗରେ ନିର୍ଭରତା ଏବଂ ଅସମାନତା ମଧ୍ୟରେ ସମ୍ପର୍କର ଆଲୋଚନା କରିପାରିବ ।
- ରାଷ୍ଟ୍ରୀୟ ବିକାଶ ବିଷୟରେ କିଛି ସମସ୍ୟା ଏବଂ ଏହାର ସମାଧାନର ବିଷୟରେ ଜାଣିପାରିବ ।

## ୨୬.୧. ରାଷ୍ଟ୍ରୀୟ ସ୍ୱାଧୀନତା ଓ ରାଷ୍ଟ୍ରୀୟ ବିକାଶର ପ୍ରତିରୂପ: ଔପନିବେଶବାଦରୁ ମୁକ୍ତିର ପ୍ରାରମ୍ଭ

**ମଡେଲ:**

ବିଂଶ ଶତାବ୍ଦୀର ରାଷ୍ଟ୍ରୀୟ ସ୍ୱାଧୀନତା ଆନ୍ଦୋଳନର ନେତାମାନେ ରାଷ୍ଟ୍ରୀୟ ସ୍ୱାଧୀନତା ଏବଂ ବିକାଶର ପୂର୍ବ ଉଦାହରଣ ଦ୍ୱାରା ପ୍ରେରଣା ପାଇଥିଲେ । ସେଥିରେ ଆଧୁନିକ ନାଗରିକତାର ଚିନ୍ତାଧାରା ଅର୍ଥାତ୍ ଏକ ରାଷ୍ଟ୍ରର ସମସ୍ତ ସଦସ୍ୟଙ୍କର ସମାନ ଅଧିକାର ଏବଂ ଦାୟୀତ୍ୱକୁ ଉପସ୍ଥାପିତ କରାଯାଇଥିଲା ।

ଆମେରିକାର ସ୍ୱାଧୀନତା ସଂଗ୍ରାମ ପରେ ନୂତନ ଯୁକ୍ତରାଷ୍ଟ୍ର ଆମେରିକାରେ ସ୍ଥାୟୀ, ପ୍ରଜାତାନ୍ତ୍ରିକ ସରକାରର ସୃଷ୍ଟି ହୋଇଥିଲା । କାଳକ୍ରମେ ରାଷ୍ଟ୍ରର ସମସ୍ତ ଅଧିବାସୀମାନଙ୍କୁ ପୂର୍ଣ୍ଣ ନାଗରିକତାର ଅଧିକାର ପ୍ରଦାନ କରାଯାଇଥିଲା । ଏଥି ସହିତ କ୍ଷୁଦ୍ର ଆୟତନ ବିଶିଷ୍ଟ ଆମେରିକାର ସୈନ୍ୟବାହିନୀ ନାଗରିକ ସଂସ୍ଥାଗୁଡିକର କାର୍ଯ୍ୟ କଳାପରେ ହସ୍ତକ୍ଷେପ କରି ନଥିଲେ । ଏସିଆ ତଥା ଆଫ୍ରିକାର ପରାଧୀନ ଜନତାଙ୍କୁ ଏହା ଆକର୍ଷିତ କରିଥିଲା । କାରଣ ସେମାନଙ୍କୁ ନିୟନ୍ତ୍ରଣରେ ରଖିବା ପାଇଁ ସେମାନଙ୍କ ଉପରେ ବାରମ୍ବାର ସୈନ୍ୟବାହିନୀକୁ ପ୍ରୟୋଗ କରୁଥିଲେ ।

୧୭୮୯ର ଫରାସୀ ରାଷ୍ଟ୍ର ବିପ୍ଳବ ବୈଦେଶିକ ଶକ୍ତି ବିରୁଦ୍ଧରେ ଏକ ବିଦ୍ରୋହ ହିସାବରେ ଆରମ୍ଭ ହୋଇ ନଥିଲେ ମଧ୍ୟ ବିପ୍ଳବୀମାନେ ୟୁରୋପର ବିଭିନ୍ନ ଅଞ୍ଚଳରେ ସ୍ୱତନ୍ତ୍ରତା, ସମାନତା ତଥା ଭାତୃତ୍ୱ ଆଦି ସାର୍ବଭୌମିକ ସିଦ୍ଧାନ୍ତର ପ୍ରଚାର ପାଇଁ ଅଭିଜାନ କରିଥିଲେ । ଫରାସୀ ବିପ୍ଳବ ୟୁରୋପର ତଥା ଫରାସୀ ଉପନିବେଶର ଜନତାଙ୍କୁ ଉକ୍ତ ସିଦ୍ଧାନ୍ତର ନାମ ଅନୁସାରେ ଫରାସୀ ଶାସନ ବିରୁଦ୍ଧରେ ବିଦ୍ରୋହ କରିବା ପାଇଁ ପ୍ରେରଣା ଦେଇଥିଲା । ଉକ୍ତ ସ୍ୱାଧୀନତା ସଂଗ୍ରାମୀମାନଙ୍କ ମଧ୍ୟରୁ ସମସ୍ତେ ଗଣତନ୍ତ୍ର ଅଥବା ସମାନତା ଉପରେ ପ୍ରଗାଢ ବିଶ୍ୱାସ କରୁନଥିଲେ ମଧ୍ୟ ଅଧିକାଂଶ ଏଥିରେ ବିଶ୍ୱାସ କରୁଥିଲେ ଯେ ବିଦେଶୀ ଶାସନ ବିରୁଦ୍ଧରେ ଲଢିବା ପାଇଁ ଜନସାଧାରଣଙ୍କୁ ପ୍ରସ୍ତୁତି କରିବା ଆବଶ୍ୟକ ।

ଔପନିବେଶିକ ଶାସନାଧୀନ ଲୋକମାନେ ଆମେରିକାର ସ୍ୱାଧୀନତା ସଂଗ୍ରାମ ଏବଂ ବିକାଶକୁ ଆଦର୍ଶ ଭାବେ ଗ୍ରହଣ କରି ପ୍ରଶଂସା କରିବାରେ ଅନ୍ୟ କେତେକ କାରଣ ଥିଲା । ଆମେରିକୀୟମାନେ ୧୮୬୫ ଏବଂ ୧୯୫୦ ମଧ୍ୟରେ ବିଶ୍ୱର ସବୁଠାରୁ ବୃହତ ଅର୍ଥ ବ୍ୟବସ୍ଥାର ବିକାଶ କରିଥିଲେ । ଏହା ପୁଞ୍ଜୀବାଦୀ, କୃଷି, ବୃହତ ଶିଳ୍ପାନୁଷ୍ଠାନ ଏବଂ ସାମୁହିକ ଉପଭୋକ୍ତା - ବ୍ୟୟ ଉପରେ ଆଧାରିତ ଥିଲା । ସାରା ସଂସାରର ଅଧିକାଂଶ ଲୋକ ଏହା ବିଶ୍ୱାସ କରୁଥିଲେ ଯେ ସଂଯୁକ୍ତ ରାଷ୍ଟ୍ର ଆମେରିକା ସାରା ବିଶ୍ୱରେ ଗଣତନ୍ତ୍ର ମାଧ୍ୟମରେ ନିଜସ୍ୱ-ଶାସନ (Self rule) ପ୍ରତିଷ୍ଠା ପାଇଁ ବଦ୍ଧପରିକର । ତେଣୁ ଉପନିବେଶର ଜନତାଙ୍କୁ ତାଙ୍କର ସ୍ୱାଧୀନତା ସଂଗ୍ରାମରେ ପ୍ରତ୍ୟକ୍ଷଭାବେ ସାହାଯ୍ୟ କରି ଉପନିବେଶବାଦ ବିରୁଦ୍ଧରେ ଏକ ବିଶାଳ ଶକ୍ତି ରୂପେ ଦଣ୍ଡାୟମାନ ହେବ ।

୧୯୧୭-୧୯୨୧ ମଧ୍ୟରେ ହୋଇଥିବା ଋଷ୍ (ବୋଲ୍‌ସେଭିକ୍) ବିପ୍ଳବ ସାରା ବିଶ୍ୱକୁ ପ୍ରଭାବିତ କରିଥିଲା । ବୋଲ୍‌ସେଭିକ୍ ମାନଙ୍କର ଯୁକ୍ତି ଥିଲା ଯେ ବିଶ୍ୱର ସମସ୍ତ ଜାତୀୟତାବାଦୀ ମାନେ ସ୍ୱାଧୀନଭାବରେ ରହିବା ତଥା ନିଜର ଭବିଷ୍ୟତକୁ ସ୍ଥିର କରିବାର ଅଧିକାର ଅଛି । ଋଷ୍ ବିପ୍ଳବୀମାନେ ମଧ୍ୟ ପୁଞ୍ଜିବାଦୀ ପାଶ୍ଚାତ୍ ଦେଶଠାରୁ ଭିନ୍ନ ଏକ ତୀବ୍ର ସାମାଜିକ ତଥା ଆର୍ଥିକ ବିକାଶର ଏକ ବିକଳ୍ପ ପନ୍ଥା ପ୍ରଦାନ କରିଥିଲେ । ୧୯୪୧ରେ ଅନେକ ଋଷ ନାଗରିକମାନେ ନିଜନିଜର ଜେଜେବାପା ଏବଂ ଜେଜେମା'ଙ୍କ ଅପେକ୍ଷା ଏକ ଉଚ୍ଚସ୍ତରୀୟ ବସ୍ତୁବାଦୀ ଜୀବନ ଶୈଳୀକୁ ଉପଭୋଗ କରୁଥିଲେ ।

ରୁଷିଆର ନେତାମାନେ ରାଜନୈତିକ ଏବଂ ଆର୍ଥିକ ଦୃଷ୍ଟିରୁ ଶାସିତ ଅନେକ ଦେଶ ତଥା ଉପନିବେଶର ନାଗରିକମାନଙ୍କୁ ନୈତିକ ତଥା ଆର୍ଥିକ ସାହାଯ୍ୟ ପ୍ରଦାନ କରିଥିଲା । ମାର୍କ୍ସବାଦୀ ସିଦ୍ଧାନ୍ତ ଶିକ୍ଷା ଦେଇଥିଲା ଯେ ସାରା ସଂସାରର ଛୋଟ ଚାଷୀ ଏବଂ ସର୍ବହରା ଗୋଷ୍ଠୀର ଅଧିକାର ସମାନ ଏବଂ ସେମାନେ ମଧ୍ୟବିତ୍ତ ଶ୍ରେଣୀ ତଥା ସାମ୍ରାଜ୍ୟବାଦୀମାନଙ୍କୁ ହଟାଇବା ପାଇଁ ନିଜନିଜ ମଧ୍ୟରେ ସହଯୋଗର ଆବଶ୍ୟକତା ଦରକାର । କେତେକ ଉପନିବେଶର ଜାତୀୟତାବାଦୀମାନେ ସୋଭିଏତ୍ ରୁଷ ଭ୍ରମଣରେ ଯାଇଥିଲେ ଅଥବା ସେଠାରେ ପଢାଶୁଣା କରିଥିଲେ ଏବଂ ସେଠାରୁ ରାଷ୍ଟ୍ରୀୟ ସ୍ୱାଧୀନତା ସଂଗ୍ରାମର ଆୟୋଜନ କରିବା ପାଇଁ ଶିକ୍ଷା ଗ୍ରହଣ କରିଥିଲେ । ଏମାନଙ୍କ ମଧ୍ୟରେ ଥିଲେ ଭିଏତ୍‌ନାମର ରାଷ୍ଟ୍ରବାଦୀ ନେତା ହୋ-ଚି-ମିନ୍, ଚୀନର ରାଷ୍ଟ୍ରବାଦୀ ନେତା ଚ୍ୟାଙ୍ଗ-କାଇ-ଶେକ୍(୧୮୮୭-୧୯୭୫)ଏବଂ ଭାରତୀୟ ରାଷ୍ଟ୍ରୀୟ କଂଗ୍ରେସ ନେତା ଜବାହାର ଲାଲ ନେହେରୁ ଯେ କି ଗଣତାନ୍ତ୍ରୀକ-ସମାଜବାଦ ଉପରେ ଆସ୍ଥା ରଖିଥିଲେ ଏବଂ ସୋଭିଏତ୍ ପ୍ରଭୂତ୍ୱ ବାଲା ଅର୍ଥ ବ୍ୟବସ୍ଥାକୁ ଭାରତରେ ଅନୁକରଣ କରିବା ପାଇଁ ଚିନ୍ତା ପ୍ରକାଶ କରିଥିଲେ ।

## ଉପନିବେଶବାଦ ଉଚ୍ଛେଦର ଆରମ୍ଭ

ଗ୍ରେଟ୍ ବ୍ରିଟେନ ଏବଂ ଫ୍ରାନ୍ସ ସ୍ୱ-ଶାସନ ଏବଂ ସ୍ୱରାଜ ପାଇଁ କ୍ରମ ବର୍ଦ୍ଧିଷ୍ଣୁ ବିଦ୍ରୋହକୁ ଧ୍ୟାନ ଦେବା ପାଇଁ ବାଧ୍ୟ ହୋଇଥିଲା । ୧୮୬୭ରେ ବ୍ରିଟେନ ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ଦକ୍ଷିଣ ଆଫ୍ରିକା ତଥା କାନାଡାର କିଛି ଅଞ୍ଚଳରେ ସ୍ୱରାଜ ପ୍ରଦାନ କରିବା ଆରମ୍ଭ କରିଥିଲେ । କାରଣ

ଟିପ୍ପଣୀ

ସେହି ଅଞ୍ଚଳର ଅଧିବାସୀମାନଙ୍କୁ ଘଉଡାଇ ଦେଇ ଅଥବା ମାରି ଦେଇ ସେଠାରେ ୧୬୦୦ ଖ୍ରୀ:ରୁ ବହୁସଂଖ୍ୟକ ୟୁରୋପୀୟ ଲୋକମାନେ ବସତି ସ୍ଥାପନ କରିଥିଲେ । ଏହି ସ୍ଥାନରେ ଥିବା ଗୋରା ଉପନିବେଶୀୟମାନଙ୍କୁ ନିର୍ବାଚିତ ବିଧାନସଭା ଏବଂ ସାଂସଦ ମାଧ୍ୟମରେ ଆଭ୍ୟନ୍ତରିଣ ବ୍ୟାପାରରେ ନିଷ୍ପତ୍ତି ନେବାର ଅଧିକାର ଦିଆଯାଇଥିଲା କିନ୍ତୁ ଅନ୍ୟ ଉପନିବେଶ ତଥା ଜାତୀୟତାବାଦୀ ରାଷ୍ଟ୍ରମାନଙ୍କ ସହିତ ସମ୍ପର୍କ ଲଣ୍ଡନର ସାମ୍ରାଜ୍ୟବାଦି କର୍ତ୍ତୃପକ୍ଷଙ୍କ ଦ୍ୱାରା ନିୟନ୍ତ୍ରିତ ହେଉଥିଲା । ୧୯୧୦ ପରେ ଉକ୍ତ ଉପନିବେଶୀ ରାଷ୍ଟ୍ରଗୁଡ଼ିକୁ ସ୍ୱତନ୍ତ୍ର ଉପନିବେଶ (Dominion) ଅଥବା ସହଯୋଗୀ ରାଷ୍ଟ୍ରମାନଙ୍କର ବ୍ରିଟିଶ ରାଷ୍ଟ୍ର ମଣ୍ଡଳ (Common wealth of cooperative nations) କୁହାଗଲା । ବ୍ରିଟେନ ମଧ୍ୟ ଦକ୍ଷିଣ ଆଫ୍ରିକୀୟ ସଂଘକୁ ରାଷ୍ଟ୍ରମଣ୍ଡଳର ଆଖ୍ୟା ପ୍ରଦାନ କରିଥିଲା (ଯେଉଁଠାରେ କୃଷ୍ଣକାୟ ଆଫ୍ରିକୀୟମାନେ ସଂଖ୍ୟାରେ ୟୁରୋପୀୟମାନଙ୍କୁ ପଛରେ ପକାଇଥିଲେ କିନ୍ତୁ ଏମାନଙ୍କୁ ମତଦାନ ଦେବାର ଅନୁମତି ଦିଆଯାଇ ନଥିଲା ।)

ବ୍ରିଟିଶ୍ ଏବଂ ଅନ୍ୟ ପାଶ୍ଚାତ୍ ଦେଶମାନଙ୍କ ଭଳି ଅଧିକାଂଶ ଫରାସୀମାନେ ବିଶ୍ୱାସ କରୁଥିଲେ ଯେ ସେମାନଙ୍କ ଭଳି କେତେକ ଜାତି ଏବଂ ସମାଜ ଉନ୍ନତ ଅଟେ ଏବଂ ଅନ୍ୟାନ୍ୟମାନେ ଆଦିମ ଅଟନ୍ତି । ସେମାନେ ଯୁକ୍ତି ଦ୍ୱାରା ଦର୍ଶାଇଥିଲେ ଯେ ଉନ୍ନତ ସମାଜଗୁଡ଼ିକର ଏହା ନୈତିକ ଦାୟୀତ୍ୱ ଯେ ସେମାନେ ଅଧିକ ଆଦିମ ସମାଜଗୁଡ଼ିକୁ ମାର୍ଗ ଦର୍ଶନ ଦେବେ ଅଥବା ଏମାନଙ୍କୁ ଶିକ୍ଷିତ କରିବେ । ୧୯୧୪ ମସିହା ପରେ ଫରାସୀ ଉପନିବେଶଗୁଡ଼ିକରେ ଥିବା ଅଣ-ଫରାସୀ ନାଗରିକମାନଙ୍କୁ ଭୋଟ ପ୍ରଦାନ ମାଧ୍ୟମରେ ଅଥବା ନିଜ ନିଜର ବିଧାନସଭାରେ ଯୋଗଦାନ କରାଇ ନିଜର ସମାଜକୁ ଶାସନ କରିବା ପାଇଁ ଅଧିକାର ପ୍ରଦାନ କରିଥିଲେ ।

ବ୍ରିଟିଶ, ଫରାସୀ ତଥା ଡଚ୍ ଔପନିବେଶିକ ଶାସକମାନେ ବିଶ୍ୱାସ କରୁଥିଲେ ଯେ ଉପନିବେଶଗୁଡ଼ିକର ଲୋକମାନେ, ଭାବ ପ୍ରବଣତା କାରଣରୁ (ଯେଉଳି ୟୁରୋପିୟ ସଂସ୍କୃତି ପ୍ରତି ଦୁର୍ବଳତା) ଅଥବା ଏହି ଚିନ୍ତା ଧାରାରୁ ଯେ ମାତୃ-ଦେଶ ସହିତ ଯୋଡି ରହିଲେ ନିଜର ଆର୍ଥିକ ଲାଭ ହେବ, ଉକ୍ତ ଆଂଶିକ ସ୍ୱାଧୀନତାକୁ ସ୍ୱୀକାର କରିନେବେ । ଅନେକ ଉପନିବେଶଗୁଡ଼ିକ ପୂର୍ଣ୍ଣ ସ୍ୱାଧୀନତାର ପ୍ରଥମ ସୋପାନ ହିସାବରେ ୟୁରୋପୀୟ ମାର୍ଗ ଦର୍ଶନ ଅନ୍ତର୍ଗତ ହୁଗୁଳା ରାଷ୍ଟ୍ର ସଂଘର ଯୋଜନାକୁ ସ୍ୱୀକାର କରି ନେଇଥିଲେ । କିନ୍ତୁ ଭାରତ ଭଳି ଅନ୍ୟ କେତେକ ଜାତୀୟତାବାଦୀ ଉପନିବେଶଗୁଡ଼ିକ ନିଜର ସ୍ୱତନ୍ତ୍ରତା ପାଇଁ ସଂଘର୍ଷ ଆରମ୍ଭ କରିଥିଲେ ।

ଆମ୍ଭେ ଏହା ମଧ୍ୟ ଜାଣି ପାରିବା ଯେ ୧୯୪୫ ପୂର୍ବରୁ ଔପନିବେଶିକ ଶାସନରେ କରାଯାଇଥିବା ସଂଶୋଧନ ବାସ୍ତବରେ ୟୁରୋପୀୟ ଉପନିବେଶବାଦୀମାନଙ୍କର ସ୍ଥିତିକୁ କମ୍‌ଜୋର କରି ନଥିଲା ଏବଂ ଉପନିବେଶ ଗୁଡ଼ିକର ଅଧିବାସୀମାନଙ୍କୁ ଅଳ୍ପ କିଛି ଲାଭ ପ୍ରଦାନ କରିଥିଲା ।

## ୨୬.୨-ଉପନିବେଶବାଦ ବିରୋଧି ସଂଘର୍ଷ ଉପରେ ଦ୍ୱିତୀୟ ବିଶ୍ୱଯୁଦ୍ଧର ପ୍ରଭାବ

ଦ୍ୱିତୀୟ ବିଶ୍ୱଯୁଦ୍ଧ ଔପନିବେଶିକ ଦୁନିଆର ସେହି ଲୋକମାନଙ୍କୁ ପ୍ରେରଣା ପ୍ରଦାନ କରିଥିଲା ଯେଉଁମାନଙ୍କୁ ପ୍ରଥମ ପର୍ଯ୍ୟାୟର ରାଷ୍ଟ୍ରୀୟ ସ୍ୱାଧୀନତା ଆନ୍ଦୋଳନ ସ୍ପର୍ଶ କରି ନଥିଲା । କେତେକ କ୍ଷେତ୍ରରେ ଉକ୍ତ ସୈନ୍ୟ ସଂଘର୍ଷ ଉପନିବେଶର ଲୋକମାନଙ୍କୁ ଆକ୍ରମଣକାରୀ (ମୁଖ୍ୟତଃ- ଜାପାନ)ବିରୁଦ୍ଧରେ ଏକତ୍ରିତ କରିଥିଲା । ଯେତେବେଳେ ସେହି ଆକ୍ରମଣକାରୀ ୟୁରୋପୀୟମାନଙ୍କ



ଟିପ୍ପଣୀ

ଉପନିବେଶଗୁଡିକୁ ଅଧିକାର କରିବା ପାଇଁ ଅଗ୍ରସର ହୋଇଥିଲା । ଆଫ୍ରିକୀୟ ତଥା ଏସିଆର ଲୋକମାନଙ୍କୁ ବିଶ୍ୱର ସୁଦୂର କୋଣରେ ଥିବା ଜର୍ମାନୀ, ଇଟାଲିୟ ତଥା ଜାପାନୀମାନଙ୍କ ବିରୁଦ୍ଧରେ ଲଢିବା ପାଇଁ ଔପନିବେଶିକ ସୈନ୍ୟବାହିନୀରେ ସାମିଲ କରାଯାଇଥିଲା । ଏହାଦ୍ୱାରା ସେମାନେ ଜାଣିବାକୁ ପାଇଥିଲେ ଯେ ୟୁରୋପୀୟମାନେ ପୃଥିବୀର ଅଜେୟ ଅଧିପତି ନୁହନ୍ତି । ଯୁଦ୍ଧ ସମୟରେ ପ୍ରାୟ ପଚାଶ ଲକ୍ଷ ଭାରତୀୟ ସୈନିକ ବ୍ରିଟିଶ ନେତୃତ୍ୱରେ ଥିବା ସୈନ୍ୟବାହିନୀରେ ସେବାରତ ଥିଲେ । ଏସିଆ ଏବଂ ଆଫ୍ରିକାର ସୈନିକମାନେ ଅନ୍ୟାନ୍ୟ ଉପନିବେଶର ଲୋକ ତଥା ୟୁରୋପୀୟ ଏବଂ ଆମେରିକି ସୈନିକ ତଥା ସାଧାରଣ ନାଗରିକମାନଙ୍କ ସହିତ ସମ୍ବନ୍ଧ ରଖିଥିଲେ । ଜର୍ମାନୀ ଏବଂ ଜାପାନୀ ଏକଛତ୍ରବାଦ ବିରୁଦ୍ଧରେ ଲଢିବା ପାଇଁ ପ୍ରଶିକ୍ଷିତ ହୋଇଥିବା ଏହି ସୈନିକମାନେ ନିଜ ଔପନିବେଶିକ ଶାସକଙ୍କ ପାଇଁ ଏକ ନୂତନ ପ୍ରକାରର ଧମକ ଉପସ୍ଥାପନ କରିଥିଲେ । ୧୯୪୦ ଦଶକରେ ଏସିଆ, ଆଫ୍ରିକା ତଥା କରବୀୟ ଦେଶମାନଙ୍କର ପୋଲିସ୍ ଏବଂ ସୈନିକ (ଯେଉଁଥିରେ ନିଜ ଦେଶବାସୀମାନେ ଯୋଗ ଦେଇଥିଲେ)ଙ୍କ ଆକ୍ରମଣ ସତ୍ତ୍ୱେ ଆନ୍ଦୋଳନ ଏବଂ ସାମୁହିକ ବିକ୍ଷୋଭରେ ଯୋଗଦାନ କରିଥିଲେ । ୧୯୪୫ ବେଳକୁ ଯୁଦ୍ଧର ଆରମ୍ଭ ବେଳର ତୁଳନାରେ ସଂଖ୍ୟାଧିକ ଲୋକମାନେ ପୂର୍ଣ୍ଣ ନାଗରିକତାର ଅଧିକାର ତଥା ରାଷ୍ଟ୍ରର ସ୍ୱାଧୀନତା ପାଇଁ ସ୍ୱର ଉତ୍ତୋଳନ କରିଥିଲେ ଏବଂ ନିଜ ଲକ୍ଷ୍ୟକୁ ବିରୋଧ କରୁଥିବା ଶକ୍ତି ବିରୁଦ୍ଧରେ ଲଢିବା ପାଇଁ ଅତ୍ୟଧିକ ଆତ୍ମ ବିଶ୍ୱାସରେ ପରିପୂର୍ଣ୍ଣ ହୋଇଥିଲେ ।

୧୯୩୯ ପୂର୍ବରୁ ଆଫ୍ରିକୀୟ ବୁଦ୍ଧିଜିବୀ, ପେଷାଦାର ତଥା ବେସାମରିକ କର୍ମଚାରୀମାନେ ଜାତୀୟତାବାଦୀ ଆନ୍ଦୋଳନର ଆଧାର ତିଆରି କରି ଦେଇଥିଲେ । ୧୯୪୫ ପରେ ପରେ ଉକ୍ତ ନେତାମାନେ ଗଣତାନ୍ତ୍ରିକ ସଂସ୍କାର ତଥା ସ୍ୱାଧୀନତା ପାଇଁ ନିଜ ନିଜ ଦେଶର ଚାଷୀ ତଥା ମଜୁରୀଆ ଗୋଷ୍ଠୀର ସ୍ତ୍ରୀ-ପୁରୁଷମାନଙ୍କଠାରୁ ଅତ୍ୟଧିକ ଚାପର ସମ୍ମୁଖୀନ ହୋଇଥିଲେ । ଏଥି ସହିତ ସେମାନେ ଆର୍ଥିକ ସମାନତାକୁ ସ୍ୱାଧୀନତା ସଂଗ୍ରାମରେ ସାମିଲ କରିବା ପାଇଁ ସଶକ୍ତ ଦାବି ଉପସ୍ଥାପନା କରିଥିଲେ ।

## ଜାତୀୟ ମୁକ୍ତି ଆନ୍ଦୋଳନ

୧୯୩୦ ଦଶକରେ ହୋ ଚି ମିନ୍ ଫ୍ରାନ୍ସର ଇଣ୍ଡୋଚୀନ୍‌ରେ ସାମ୍ୟବାଦୀ ବିଚାରର ପ୍ରସାର ପାଇଁ ପଦକ୍ଷେପ ନେଇଥିଲେ । ୧୯୪୦-୪୧ରେ ଜାପାନୀମାନେ ଇଣ୍ଡୋଚିନରୁ ଫରାସୀମାନଙ୍କୁ ବିତାଡିତ କରି ଏହାକୁ ଅଧିକାର କରିଥିଲେ । ଏମାନଙ୍କୁ ବହିଷ୍କାର କରିବା ପାଇଁ ହୋ ଏକ ରାଷ୍ଟ୍ରୀୟ ଜନ ମୋର୍ଚ୍ଚା (ଭିଏତ୍ ମିନ୍) ସ୍ଥାପନ କରିଥିଲେ । ୧୯୪୫ରେ ବ୍ରିଟେନ ଏବଂ ଆମେରିକାର ସହମତି ଦ୍ୱାରା ଯେତେବେଳେ ଇଣ୍ଡୋଚିନର ଶାସକ ରୂପେ ଫ୍ରାନ୍ସକୁ ପୁନଃସ୍ଥାପନ କଲେ ସେତେବେଳେ ହୋ ଏବଂ ଭିଏତ୍ ମିନ୍ ଫ୍ରାନ୍ସ ବିରୁଦ୍ଧରେ ଅଭିଜାନ ଜାରି ରଖିଥିଲେ ଏବଂ ଶେଷରେ ୧୯୫୪ ବେଳକୁ ଇଣ୍ଡୋଚୀନର ଅଧିକାଂଶ ଅଞ୍ଚଳ ଉପରେ ନିଜର ଆଧିପତ୍ୟ ବିସ୍ତାର କରି ପାରିଥିଲେ । ସେହି ବର୍ଷ ଭିଏତ୍‌ନାମ୍ ଦୁଇଟି ନାମ ମାତ୍ର ସ୍ୱାଧୀନ ରାଷ୍ଟ୍ରରେ ବିଭକ୍ତ ହୋଇଥିଲା । ଉତ୍ତରାର୍ଦ୍ଧ ଅଞ୍ଚଳ ହୋ ଏବଂ ତାଙ୍କ ମିତ୍ର ଶକ୍ତି ପରିଚାଳିତ ହେବା ସମୟରେ





ଭିଏତ୍‌ନାମ୍‌ର ଦକ୍ଷିଣାର୍ଦ୍ଧ ଅଞ୍ଚଳରେ ଆମେରିକାର ରାଜନୈତିକ, ସାମରିକ ତଥା ଆର୍ଥିକ ଉପସ୍ଥିତି ବଢିବାରେ ଲାଗିଥିଲା । ଉକ୍ତ ସଂଘର୍ଷରେ ପ୍ରାୟ ୫୦,୦୦୦ ଆମେରିକୀ ସୈନିକ ମୃତ୍ୟୁ ବରଣ କରିଥିବା ବେଳେ ଲକ୍ଷ ଲକ୍ଷ ଭିଏତ୍‌ନାମି ନିଜର ଜୀବନ ଅର୍ପଣ କରିଥିଲେ । ଶେଷରେ ୧୯୭୫ରେ ଭିଏତ୍‌ନାମିମାନେ ବିଶ୍ୱର ସର୍ବ ବୃହତ୍ ସାମ୍ରାଜ୍ୟବାଦୀ ଶକ୍ତିକୁ ଅପସରି ଯିବାକୁ ବାଧ କରି ପାରିଥିଲେ ।

ଭାରତର ସାରା ଦେଶରେ କଂଗ୍ରେସ ନେତୃତ୍ୱରେ ବ୍ରିଟିଶ ଶାସନ ବିରୁଦ୍ଧରେ ସାମୁହିକ ଆନ୍ଦୋଳନ ହୋଇଥିଲା । ଏହା ବ୍ୟତୀତ କମ୍ୟୁନିଷ୍ଟମାନଙ୍କ ନେତୃତ୍ୱରେ ଚାଷି ତଥା ମଜୁରିଆମାନଙ୍କ ସହିତ ଯୁବକ, ଲେଖକ, ମହିଳା ତଥା ନୀଚ ବର୍ଗର ଲୋକଙ୍କ ଦ୍ୱାରା ମଧ୍ୟ ସ୍ୱାଧୀନତା ଆନ୍ଦୋଳନ ଜାରି ରହିଥିଲା । ଶେଷରେ ବ୍ରିଟିଶମାନେ ୧୯୪୭ରେ ଭାରତ ପରିତ୍ୟାଗ କରିବାକୁ ବାଧ ହୋଇଥିଲେ । ସ୍ୱାଧୀନତା ବିଭାଜନ ସହିତ ଆସିଥିଲା ଏବଂ ଭାରତ ଓ ପାକିସ୍ଥାନ ଦୁଇଟି ସ୍ୱାଧୀନରାଷ୍ଟ୍ରକୁ ସୃଷ୍ଟି କରିଥିଲା ।

### ୨୬.୧- ପାଠଗତ ପ୍ରଶ୍ନ

୧. ୧୮୬୭ ଏବଂ ୧୯୧୪ ମଧ୍ୟରେ ସ୍ୱତନ୍ତ୍ର ଅଥବା ଅର୍ଦ୍ଧ ସ୍ୱତନ୍ତ୍ର ହୋଇଥିବା କିଛି ଦେଶର ନାମ ଉଲ୍ଲେଖ କର ।

......................................................................................................

୨. ଦ୍ୱିତୀୟ ବିଶ୍ୱଯୁଦ୍ଧ ଔପନିବେଶିକ ଦେଶର ଲୋକଙ୍କୁ କେଉଁ ପ୍ରକାର ପ୍ରେରଣା ପ୍ରଦାନ କରିଥିଲା ?

......................................................................................................

୩. ୧୯୪୫ ପରେ ସଶସ୍ତ୍ର ସଂଘର୍ଷରେ ରାଷ୍ଟ୍ରୀୟ ସ୍ୱାଧୀନତା ପ୍ରାପ୍ତ କରିଥିବା କିଛି ଦେଶର ନାମ ଉଲ୍ଲେଖ କର ।

......................................................................................................

## ୨୬.୩-ଔପନିବେଶିକ ଜାତୀୟତାବାଦ, ସ୍ୱାଧୀନତା ସଂଗ୍ରାମ ଏବଂ ଆନ୍ତରାଷ୍ଟ୍ରୀୟ ସହଯୋଗ

୧୯୪୫ ଖ୍ରୀଷ୍ଟାବ୍ଦ ପରେ ଏସିଆ ଏବଂ ଆଫ୍ରିକାର କେତେକ ଜାତୀୟତାବାଦି ନେତୃଗଣ ସୋଭିଏତ୍ ଅଥବା ଆମେରିକାର ସହାୟତା ମାଗିଥିଲେ ଅଥବା ପାଇଥିଲେ । ଏହା ବ୍ୟତୀତ ଏମାନେ ସଂଯୁକ୍ତ ରାଷ୍ଟ୍ର ସଂଘ (୧୯୪୫ରୁ ଯୁକ୍ତରାଷ୍ଟ୍ର ଆମେରିକାରେ ଅବସ୍ଥିତ)ଭଳି ନୂତନ ଆନ୍ତଃରାଷ୍ଟ୍ରୀୟ ସଂଗଠନ ମାଧ୍ୟମରେ ନିରପେକ୍ଷ କଥାବାର୍ତ୍ତା ଆଶା କରିଥିଲେ । ଠିକ୍ ସେହି ପ୍ରକାର ସମାନ ଉଦ୍ଦେଶ୍ୟ ଥିବା ଯଥା ଜାତୀୟ ସ୍ୱାଧୀନତା ଓ ବିକାଶ ପାଇଁ ସେମାନେ ସ୍ୱାଧୀନ ରାଷ୍ଟ୍ରମାନଙ୍କରେ ଏକ ଆଞ୍ଚଳିକ ସଂଘ ମଧ୍ୟ ସ୍ଥାପନ କରିଥିଲେ । ଉକ୍ତ ସଂଘମାନଙ୍କ ମଧ୍ୟରୁ







ଗୋଟାଏ ଥିଲା ଆଫ୍ରିକାର ଏକତା ସଂଗଠନ (O.A.U.) ଯାହାର ସ୍ଥାପନା ୧୯୬୩ ମସିହାରେ ହୋଇଥିଲା । ଏହାର ଲକ୍ଷ୍ୟ ଥିଲା ନୂତନ ରାଷ୍ଟ୍ରମାନଙ୍କ ମଧ୍ୟରେ ଦେଖା ଦେଇଥିବା ବିବାଦରେ ମଧ୍ୟସ୍ଥତା କରିବା ତଥା ଔପନିବେଶିକ ଶକ୍ତିଠାରୁ ଅବଶିଷ୍ଟ ଆଫ୍ରିକୀୟ ନିର୍ଭରଶୀଳତାର ପରିସମାପ୍ତି ପାଇଁ ଚାପ ପ୍ରୟୋଗ କରିବା । ଅନ୍ୟ ଏକ ମହତ୍ୱପୂର୍ଣ୍ଣ ଅଭିବ୍ୟକ୍ତ ଥିଲା ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ (NAM)ଏଥିରେ ଅନ୍ୟ ଦେଶମାନଙ୍କ ବ୍ୟତୀତ ଚୀନ, ଭାରତ, ପାକିସ୍ଥାନ, ଇଣ୍ଡୋନେସିଆ, ଇରାନ ଏବଂ ଇଜିପ୍ଟ ଯୋଗ ଦେଇଥିଲେ । ସାମ୍ରାଜ୍ୟବାଦ, ରାଷ୍ଟ୍ରୀୟ ଆକ୍ରମଣ, ବର୍ଣ୍ଣ ବିଦ୍ୱେଶ (racism) ତଥା ପରମାଣୁ ଅସ୍ତ୍ରଶସ୍ତ୍ର ଇତ୍ୟାଦିକୁ ଖଣ୍ଡନ କରିବା ପାଇଁ ୨୯ଟି ରାଷ୍ଟ୍ରର ନେତୃବୃନ୍ଦ ଇଣ୍ଡୋନେସିଆର ବାନ୍ଦୁଙ୍ଗଠାରେ ୧୯୫୫ରେ ଏକ ସମ୍ମିଳନୀର ଆୟୋଜନ କରିଥିଲେ ।

ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ ତୃତୀୟ ବିଶ୍ୱର ପରସ୍ପର ଦେଶମାନଙ୍କ ମଧ୍ୟରେ ତଥା ଉଭୟ ମହାଶକ୍ତିମାନଙ୍କ ସହିତ ଶାନ୍ତିପୂର୍ଣ୍ଣ ସହଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱ ଆରୋପ କରିଥିଲା । ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନରେ ଯୋଗ ଦେଇଥିବା ରାଷ୍ଟ୍ରମାନଙ୍କର ଅଧିକାଂଶ ନେତାମାନେ ଏକ ମଧ୍ୟମ ମାର୍ଗ ଖୋଜିବା ପାଇଁ ତଥା ଅନୁସରଣ କରିବା ପାଇଁ ଦରକାର କରୁଥିଲେ ଯାହାକି ସମ୍ପୂର୍ଣ୍ଣ ଭାବେ ସାମ୍ୟବାଦୀ ତଥା ପୂର୍ଣ୍ଣ ପୁଞ୍ଜିବାଦୀ ହୋଇ ନଥିବ । ୧୯୫୦ ଏବଂ ୧୯୭୦ ଦଶକ ମଧ୍ୟରେ ସମାଜବାଦ ଆଡକୁ ଏସିଆ ତଥା ଆଫ୍ରିକାର ଗତି ବିଷୟରେ ଅନେକ ଚର୍ଚ୍ଚା ହୋଇଥିଲା । ସ୍ୱାଧୀନତାର ପରେ ପରେ ଆଫ୍ରିକାର ଅନେକ ନୂତନ ରାଷ୍ଟ୍ରଗୁଡିକ ଏକଛତ୍ରବାଦର ଶିକାର ହୋଇଥିଲେ । ଯଥା:-ଜାଇରି (Zaire) (ବେଲଜିୟମ ଅଧିନରେ ଥିବା) ମୁବୁତ ସେସ୍ ସେକୋ (Sese Seko)ଙ୍କ ଅଧିନରେ (ରାଷ୍ଟ୍ରପତି ୧୯୬୫-୧୯୯୭) ଏବଂ ଉଗାଣ୍ଡା (ପୂର୍ବ ବ୍ରିଟିଶ୍ କଲୋନି) ଇଦ୍ ଅମୀନ ଦାଦାଙ୍କ ଅଧିନରେ (୧୯୨୪-୨୦୦୩, ପଦତ୍ୟାଗ ୧୯୭୯)ଏକଛତ୍ରବାଦୀ ରାଷ୍ଟ୍ର ହୋଇ ଯାଇଥିଲେ ।

ସାହାରା ଆଫ୍ରିକାର(ଇଜିପ୍ଟ୍ ଏବଂ ଲିବିଆ ଭଳି) କେତେକ ନେତାଗଣ ଆର୍ଥିକ ବିକାଶ ମାମଲାରେ ଏବଂ ଇସ୍‌ରାଏଲ୍ ରାଷ୍ଟ୍ରର ପାଲେଷ୍ଟାଇନ୍ ଅଞ୍ଚଳ ଉପରେ ଅବୈଧ ଭାବେ ଅର୍ଦ୍ଧ-ଔପନିବେଶିକ ଦଖଲ ସମାପ୍ତ କରିବା ପାଇଁ ମଧ୍ୟ ପୂର୍ବ ରାଷ୍ଟ୍ରମାନଙ୍କ ସହିତ ସହଯୋଗ କରିଥିଲେ । ଏହା ପାନ ଆରବ (Pan-Arab) ଆନ୍ଦୋଳନର ଏକ ଅଂଶ ଥିଲା । ୧୯୭୦ ଦଶକରୁ ୧୯୮୦ ଦଶକ ମଧ୍ୟରେ କୃଷ୍ଣକାୟ ଆଫ୍ରିକାର ନେତାମାନେ ରୋଡେଶିଆ ଏବଂ ଦକ୍ଷିଣ ଆଫ୍ରିକାକୁ ଶାସନ କରୁଥିବା ଅଳ୍ପ ସଂଖ୍ୟକ ଗୋରା ସରକାରଙ୍କୁ ବର୍ଣ୍ଣ ବିଦ୍ୱେଶ ଏବଂ କଳା ଲୋକଙ୍କ ପ୍ରତି ପାତର ଅନ୍ତର ନୀତିର ପରିସମାପ୍ତି ପାଇଁ ଚାପ ପକାଇ ଚାଲିଥିଲେ । ସେମାନେ ଅଳ୍ପ ସଂଖ୍ୟକ ଗୋରା ସରକାରଙ୍କ ଦ୍ୱାରା ବେଆଇନ ଘୋଷଣା କରାଯାଇଥିବା ମୁକ୍ତି ଆନ୍ଦୋଳନକୁ ସାହାଯ୍ୟ ପ୍ରଦାନ କରିଥିଲେ (ଯଥା:-ଦକ୍ଷିଣ ଆଫ୍ରିକାରେ ଆଫ୍ରିକୀୟ ଜାତୀୟ କଂଗ୍ରେସ)

ନୂତନ ଭାବେ ସ୍ୱାଧୀନ ହୋଇଥିବା ରାଷ୍ଟ୍ରଗୁଡିକ ଶୀତଳ ଯୁଦ୍ଧ ସମୟରେ (୧୯୪୫-୧୯୯୧) ରାଷ୍ଟ୍ରୀୟ ସ୍ୱାଧୀନତା ଏବଂ ବିକାଶ ସମ୍ପର୍କରେ ଅନେକ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ସାମ୍ୟବାଦ ପ୍ରତି ସହାନୁଭୂତି ରଖିଥିବା ଏବଂ ଏହାକୁ ବିରୋଧ କରୁ ନଥିବା ନେତାମାନେ





ଲୋକପ୍ରିୟତା ହାସଲ କରିଥିଲେ। କିନ୍ତୁ ଯେତେବେଳେ ଏମାନେ ପୁରୁଣା ଔପନିବେଶିକ ଶିକ୍ଷିତ ନିବାସୀଙ୍କ ସ୍ଥିତିକୁ ଦୁର୍ବଳ କରିବାର ପ୍ରଚେଷ୍ଟା କରିବା ସମୟରେ ବିରୋଧର ସମ୍ମୁଖୀନ ହୋଇଥିଲେ।

ଇଣ୍ଡୋନେସିଆର ସ୍ୱାଧୀନତା ସଂଗ୍ରାମୀ ଅହମଦ୍ ସୁକର୍ଣ୍ଣୋ (୧୯୦୧-୧୯୭୦) ୧୯୨୦ ଦଶକରେ ଭାରତୀୟ ଜାତୀୟ କଂଗ୍ରେସ ପରି ଇଣ୍ଡୋନେସିଆରେ ଏକ ଜାତୀୟତାବାଦୀ ଦଳ ଗଠନ କରିଥିଲେ। ସୁକର୍ଣ୍ଣ ଜାତୀୟ ସ୍ୱାଧୀନତା ପାଇଁ ପାଞ୍ଚଟି ସିଦ୍ଧାନ୍ତ ଘୋଷଣା କରିଥିଲେ। ସେଗୁଡିକ ହେଲା: ଈଶ୍ୱରଙ୍କ ଉପରେ ବିଶ୍ୱାସ, ମାନବତାବାଦ, ଜାତୀୟ ସ୍ୱାଧୀନତା, ଗଣତନ୍ତ୍ର ଏବଂ ସାମାଜିକ ନ୍ୟାୟ (ଯାହାର ଅର୍ଥ ଥିଲା କେନ୍ଦ୍ରୀୟ ଆର୍ଥିକ ମାର୍ଗଦର୍ଶନ ଏବଂ ଧନର ପୁନଃ ବିତରଣ)। ମୁସଲମାନମାନେ (ସଂଖ୍ୟାଧିକ ଧାର୍ମିକ ଗୋଷ୍ଠୀ) ଏକ କେନ୍ଦ୍ରୀୟ ଇଣ୍ଡୋନେସିଆ ରାଷ୍ଟ୍ର ଦ୍ୱାରା ଶାସିତ ହେବା ପାଇଁ ରାଜି ହୋଇଥିଲେ କାରଣ ଏହାଦ୍ୱାରା ସେମାନଙ୍କ ନିକଟରେ କିଛି ସ୍ଥାନୀୟ ନିୟନ୍ତ୍ରଣ ବିଶେଷ କରି ଧର୍ମ ସମ୍ବନ୍ଧରେ ରହିବ। ୧୯୫୦ ଦଶକରେ ସୁକର୍ଣ୍ଣ ଚୀନ ଦ୍ୱାରା ଅନୁପ୍ରାଣିତ ହୋଇ ସମାଜବାଦୀ- ଜନସଂଗ୍ରାମ ଆରମ୍ଭ କରିଥିଲେ କିନ୍ତୁ ୧୯୫୯ରେ ସେ ଗୋଟାଏ ଏକଛତ୍ର ଶାସନ ସ୍ଥାପନ କରିଥିଲେ ଯଦିଓ ସେ ସାମ୍ୟବାଦୀ ଆନ୍ଦୋଳନର ବୈଧତା ସ୍ୱୀକାର କରିଥିଲେ । ୧୯୬୫ରେ ସୁକର୍ଣ୍ଣଙ୍କ ଆଭ୍ୟନ୍ତରିଣ ଶତ୍ରୁମାନେ (ବିଶେଷକରି ସୈନ୍ୟ ଅଧିକାରୀମାନେ)ତାଙ୍କୁ ଶାସନରୁ ହଟାଇ ଲକ୍ଷାଧିକ ଲୋକଙ୍କୁ ହତ୍ୟାକରି ଇଣ୍ଡୋନେସିଆର କମ୍ୟୁନିଷ୍ଟମାନଙ୍କୁ ଆବଦ୍ଧ କରି ରଖିଥିଲେ । ସୋଭିଏତ୍ ସଂଘ ଏସବୁ ଘଟଣାକୁ ପାଖରୁ ଦେଖୁଥିବା ବେଳେ ଆମେରିକୀୟମାନେ ଗୁପ୍ତ ଭାବରେ ସାମରିକ ଅଧିକାରୀମାନଙ୍କୁ ସାହାଯ୍ୟ ପ୍ରଦାନ କରୁଥିଲେ । ଇଣ୍ଡୋନେସିଆ ଖୁବ୍ ଅଳ୍ପସମୟ ପୂର୍ବ ପର୍ଯ୍ୟନ୍ତ ଏକ ସାମରିକ ଏକଛତ୍ରବାଦ ରାଷ୍ଟ୍ର ହୋଇ ରହିଥିଲା ।

### ୨୬.୨ ପାଠଗତ ପ୍ରଶ୍ନ

ବାମପଟ ଶବ୍ଦଗୁଡ଼ିକୁ ଡାହାଣପଟ ଶବ୍ଦ ବା ଅର୍ଥ ସହିତ ମିଳାଅ।

୧. ଇଦ୍ ଅମୀନ.........୧୯୪୫ରେ ସ୍ଥାପିତ

୨. ସୁକର୍ଣ୍ଣ................ ଏଥିରେ ଭାରତ ଥିଲା

୩. ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ.........ଆଫ୍ରିକାର ଏକଛତ୍ରବାଦ

୪. ସଂଯୁକ୍ତ ରାଷ୍ଟ୍ର ସଂଘ.........ଇଣ୍ଡୋନେସିଆ

## ୨୬.୪ ଉପନିବେଶ ବାଦରୁ ମୁକ୍ତିକରଣ ଏବଂ ବିଶ୍ୱସ୍ତରୀୟ ରାଜନୀତି- Decolonization and Global Politics

ଉପନିବେଶବାଦକୁ ବିରୋଧ କରିବାରୁ ହଜାର ସଂଖ୍ୟାରେ ସ୍ତ୍ରୀ ପୁରୁଷଙ୍କୁ ଦଣ୍ଡ ଭୋଗ କରିବାକୁ ପଡିଥିଲା। ଉଦାହରଣ ସ୍ୱରୂପ ଫରାସୀ ଟ୍ୟୁନିସିଆର (ଉତ୍ତର ଆଫ୍ରିକା) ସ୍ୱାଧୀନତା ସଂଗ୍ରାମର



ଟିପ୍ପଣୀ

ନେତା ହବିବ ବୁରର୍ଗିବା (Habib Bourguiba) (୧୯୦୩-୨୦୦୦) ଏବଂ ବ୍ରିଟିଶ ପଶ୍ଚିମ ଆଫ୍ରିକାର ଘାନାର ସ୍ୱାଧୀନତା ସଂଗ୍ରାମର ମୁଖ୍ୟ କ୍ୱାମୀ ଏନ୍ କ୍ରୁମାର (୧୯୦୯-୧୯୭୨)। ଏହା ବ୍ୟତୀତ ଅନ୍ୟମାନେ ଯୁଦ୍ଧର ମଧ୍ୟବର୍ତ୍ତୀ ସମୟରେ ନିଜ ନିଜର ଔପନିବେଶିକ ଶାସକମାନଙ୍କର ଗୃହ ରାଷ୍ଟ୍ରରେ ରହି ରାଜନୈତିକ ବିଚାର ତଥା ସଂଗଠନର ଟେକ୍‌ନିକ୍ ଉପରେ ଶିକ୍ଷା ଗ୍ରହଣ କରିଥିଲେ। ହୋ ଚି ମିନ୍ (୧୮୯୪-୧୯୬୯) ୧୯୧୮ ରୁ ୧୯୩୦ ମଧ୍ୟରେ ଫ୍ରାନ୍ସରେ ରହିଥିଲେ ସେଠାରେ ଭିଏତ୍‌ନାମ୍ ସ୍ୱାଧୀନତା ସଂଗ୍ରାମରେ ଲଢ଼ିବା ପାଇଁ ଫରାସୀ ଇଣ୍ଡୋ ଚୀନ୍ ଫେରିବା ପୂର୍ବରୁ ଫ୍ରାନସ୍‌ରେ ସାମ୍ୟବାଦୀ ଦଳର ସ୍ଥାପନା କରିଥିଲେ। ଲିଓ ପଲଡ୍ ସେଦର ସେନଘୋର (୧୯୦୬-୨୦୦୧) ଫ୍ରାନ୍ସର ଏକ ବିଶ୍ୱବିଦ୍ୟାଳୟର ପ୍ରଫେସର ତଥା ଜଣେ କବି ଥିଲେ। ସେ ସେନେଗଲର ଗଣତାନ୍ତ୍ରୀକ ବ୍ଲକର ନେତୃତ୍ୱ ପ୍ରଦାନ ପାଇଁ ନିଜର ମୂଳ ସ୍ଥାନ ପଶ୍ଚିମ ଆଫ୍ରିକା ଫେରିବା ପୂର୍ବରୁ ସେ ୧୯୬୦ରୁ ୧୯୮୦ ପର୍ଯ୍ୟନ୍ତ ସେନେଗଲର ପ୍ରଥମ ରାଷ୍ଟ୍ରପତି ହୋଇଥିଲେ।

୧୯୪୫ ପରେ ଉପନିବେଶଗୁଡ଼ିକ ଦୃତ ଗତିରେ ମୁକ୍ତ ହୋଇଥିଲା। କେତେକ ସ୍ଥାନରେ ସୀମିତ ହିଂସା ଏବଂ ଜନ-ସଂହାର ଘଟି ଉପନିବେଶଗୁଡ଼ିକ ମୁକ୍ତ ହୋଇଥିଲେ। ଉଦାହରଣ ସ୍ୱରୂପ ୧୯୫୮ ପରେ ଫରାସୀ ଆଧିପତ୍ୟ ଅଞ୍ଚଳ ପଶ୍ଚିମ ଆଫ୍ରିକା ଭାଗ ଭାଗ ହୋଇ ସେନେଗଲ, ମାରୀସିୟାନା, ମାଲୀ, ଆଇଭରି କୋଷ୍ଟ, ଗୁଇନିଆ ଏବଂ ଅନ୍ୟାନ୍ୟ ସ୍ୱାଧୀନ ରାଷ୍ଟ୍ରରେ ପରିଣତ ହୋଇଥିଲା। ଅନ୍ୟ ପକ୍ଷରେ ୧୯୫୭ରୁ ୧୯୬୧ ମଧ୍ୟରେ ବ୍ରିଟିଶ ପଶ୍ଚିମ ଆଫ୍ରିକା ଭାଗ ଭାଗ ହୋଇ ଘାନା, ସିୟରା ଡିଆନ୍ ଏବଂ ନାଇଜେରିଆ ଇତ୍ୟାଦି ସ୍ୱାଧୀନ ରାଷ୍ଟ୍ରରେ ପରିଣତ ହୋଇଥିଲା।

ସନ୍ ୧୯୪୨ରେ ଭାରତ ଛାଡ ଆନ୍ଦୋଳନ ସମୟରେ ଇଂରେଜମାନେ ହଜାର ହଜାର ଭାରତୀୟମାନଙ୍କୁ ବନ୍ଦୀ କରିଥିଲେ କିନ୍ତୁ ଏହାପରେ ଭାରତର ସ୍ୱାଧୀନତା ଆନ୍ଦୋଳନରେ ଭାରତୀୟ ତଥା ଇଂରେଜମାନଙ୍କ ମଧ୍ୟରେ ହିଂସା ଭାବ କମି ଯାଇଥିଲା। ତଥାପି ଲକ୍ଷ୍ୟାଧିକ ଦକ୍ଷିଣ ଏସିଆର ଅଧିବାସୀମାନେ ଆଗାମୀ ଭାରତ-ପାକିସ୍ଥାନ ବିଭାଜନ ସମୟରେ ପ୍ରାଣ ତ୍ୟାଗ କରିଥିଲେ ଏବଂ ସୀମା ଆରପାରିରେ ବିସ୍ଥାପିତ ହୋଇଥିଲେ। ବ୍ରିଟିଶ ଅଧିନସ୍ଥ କେତେକ ପଡୋଶୀ ରାଷ୍ଟ୍ର ଯଥା ସିଂହଳ (ଏବେର ଶ୍ରୀଲଙ୍କା) ଏବଂ ବର୍ମା (ଏବେର ମାୟମାର) କମ୍ ହିଂସାରେ ହିଁ ସ୍ୱାଧୀନ ପ୍ରାପ୍ତି କରିଥିଲେ।

୧୯୫୦ ଦଶକରେ ଉତ୍ତରୀ ଆଫ୍ରିକାର ମରକ୍କୋ ଏବଂ ଟ୍ୟୁନିସିଆ ଶାନ୍ତି ପୂର୍ଣ୍ଣ ଭାବେ ଫ୍ରାନ୍‌ସ୍ ଠାରୁ ଅଲଗା ହୋଇ ଯାଇଥିଲେ। କିନ୍ତୁ ପଡୋଶି ଆଲ୍‌ଜିରିଆ ଆଠ ବର୍ଷ ଧରି ସଂଘର୍ଷ କରି ସ୍ୱାଧୀନତା ପ୍ରାପ୍ତି କରିଥିଲା। ଉକ୍ତ ସଂଘର୍ଷରେ ହଜାର ହଜାର ଆଲଜେରିୟ ତଥା ଫରାସୀମାନେ ମୃତ୍ୟୁ ବରଣ କରିଥିଲେ। ଆଜିର ଆଙ୍ଗୋଲା ଏବଂ ମୋଜାମ୍ବିକ (ଦକ୍ଷିଣ ଆଫ୍ରିକାର) ଦଶ ବର୍ଷ ଲଢ଼ାଇ କରି ୧୯୭୫ରେ ପର୍ତ୍ତୁଗାଲ ଶାସନରୁ ନିଜକୁ ସ୍ୱାଧୀନ କରି ପାରିଥିଲେ। ଏଥିରେ ବହୁ ଆଫ୍ରିକୀୟ ତଥା ପର୍ତ୍ତୁଗାଲୀମାନେ ପ୍ରାଣ ବଳି ଦେଇଥିଲେ। ବର୍ତ୍ତମାନର ମାଲେସିଆର ଲୋକମାନେ ଦ୍ୱିତୀୟ ବିଶ୍ୱ ଯୁଦ୍ଧ ସମୟରେ ଜାପାନୀମାନଙ୍କ ଦଖଲ ବିରୁଦ୍ଧରେ ସଂଘର୍ଷ



ଟିପ୍ପଣୀ

କରିଥିଲେ ଏବଂ ସେହି ମଲାୟୀ ଜାପାନ-ବିରୋଧୀ ଜନସେନାମାନେ ବ୍ରିଟେନ ଦ୍ୱାରା ପୁନଃ ଦଖଲ କରିବାର ପ୍ରୟାସକୁ ପ୍ରତିହତ କରିଥିଲେ । ପରବର୍ତ୍ତୀ ଦଶବର୍ଷ ପର୍ଯ୍ୟନ୍ତ ପ୍ରାୟ ଏକ ଲକ୍ଷ ସୈନ୍ୟ ବ୍ରିଟିଶ ନେତାମାନେ କହୁଥିବା "କମ୍ୟୁନିଷ୍ଟ ବିଦ୍ରୋହୀ"ଙ୍କ ବିରୁଦ୍ଧରେ ଲଢ଼ିବା ପାଇଁ ମଲୟରେ ଉପସ୍ଥିତ ଥିଲେ । ୧୯୫୭ରେ ବ୍ରିଟେନକୁ ନିଜର ସେନାକୁ ଫେରାଇ ଆଣିବାକୁ ପଡିଥିଲା ଏବଂ ବ୍ରିଟିଶ ରାଷ୍ଟ୍ର ମଣ୍ଡଳର ଏକ ଅର୍ଦ୍ଧ-ସ୍ୱତନ୍ତ୍ର ସଦସ୍ୟ ରୂପରେ ମାଲେସିଆ ସଂଘକୁ ମାନ୍ୟତା ଦେବାକୁ ପଡିଥିଲା ।

୧୯୪୫ ପରେ ଦୁଇ ମହାଶକ୍ତି ମାନଙ୍କ ମେଣ୍ଟ ମଧ୍ୟରେ ଶତୃତା ଅର୍ଥାତ୍ ଶୀତଳ ଯୁଦ୍ଧ ଏବଂ ଏହାର ରାଜନୀତି ଉପନିବେଶ ବାଦର ମୁକ୍ତି ପାଇବା ସହିତ ବିଶେଷ ଭାବେ ଜଡିତ । ଯେଉଁଥିରେ କି "ପ୍ରଥମ ବିଶ୍ୱ"କୁ ଆମେରିକା ନେତୃତ୍ୱ ପ୍ରଦାନ କରୁଥିବା ବେଳେ ଅନ୍ୟାନ୍ୟ ପୁଞ୍ଜିବାଦି ରାଷ୍ଟ୍ରମାନେ ସାମିଲ ହୋଇଥିଲେ ଏବଂ "ଦ୍ୱିତୀୟବିଶ୍ୱ"କୁ ସୋଭିଏତ୍ ରୁଷ ଏବଂ ବିକଶିତ ହେଉଥିବା ଚୀନ୍ ଗଣରାଜ୍ୟ ପ୍ରତିନିଧିତ୍ୱ କରୁଥିଲେ । ଉପନିବେଶବାଦରୁ ମୁକ୍ତି ପାଇଥିବା ତୃତୀୟ ବିଶ୍ୱର କେତେକ ନୂତନ ରାଷ୍ଟ୍ରମାନେ ଦୁଇ ମହାଶକ୍ତି ମଧ୍ୟରୁ କୌଣସି ଏକ ସହିତ ଘନିଷ୍ଟ ସମ୍ପର୍କ ସ୍ଥାପନ କରି ଲାଭବାନ ହୋଇ ପାରିଥିଲେ ।

୧୯୪୫ରେ କୋରିଆରୁ ଜାପାନ ବହିଷ୍କୃତ ହେଲାପରେ କୋରିଆ ଉପଦୀପର ଉତ୍ତରୀଭାଗ ସୋଭିଏତ୍ ସଂଘ ଏବଂ ଚୀନ୍ ଗଣରାଜ୍ୟର ପ୍ରଭାବରେ ଆସିଥିଲା ଏବଂ ଦକ୍ଷିଣ ଭାଗ ଆମେରିକା ଉପରେ ଆଶ୍ରୟ ନେଇଥିଲା । ୧୯୫୩ରୁ ୧୯୭୦ ମଧ୍ୟରେ ଆମେରିକା ଦକ୍ଷିଣ କୋରିଆକୁ "ବିକାଶ ସହାୟତା" ନାମରେ ଦଶ ମିଲିଅନ୍ ଡଲାରଠାରୁ ଅଧିକ ଧନରାଶି ପ୍ରଦାନ କରିଥିଲା । ଅର୍ଥଶାସ୍ତ୍ରୀମାନେ ୧୯୭୦ ଦଶକ ବେଳକୁ ଦକ୍ଷିଣ କୋରିଆ, ତାଇଓ୍ୱାନ, ହଂକଂ ଏବଂ ସିଙ୍ଗାପୁରକୁ ଏସିଆର "ଛୋଟ ଡ୍ରାଗନ" କହୁଥିଲେ । ଔଦ୍ୟୋଗିକ ବସ୍ତୁମାନଙ୍କର (ଇସ୍ପାତ, ଜାହଜ ଏବଂ ଇଲୋକ୍ଟ୍ରୋନିକ୍ ଉପକରଣ) ଉତ୍ପାଦନ ଉପରେ ଆଧାରିତ ତଥା ଦ୍ରୁତଗତିରେ ବୃଦ୍ଧି ପାଉଥିବା ନିଜର ଅର୍ଥ ବ୍ୟବସ୍ଥା କାରଣ ହେତୁ ଜାପାନ ଏବଂ ଚୀନ୍ ଗଣରାଜ୍ୟକୁ "ବଡ ଡ୍ରାଗନ" କୁହାଯାଉଥିଲା । ଛୋଟ ଡ୍ରାଗନ ବିକଶିତ ଦେଶ ମୁଖ୍ୟତଃ ଆମେରିକା, ଜାପାନ ତଥା ଗ୍ରେଟବ୍ରିଟେନଠାରୁ ମିଳୁଥିବା ଅତ୍ୟଧିକ ସହାୟତା ରାଶି ଏବଂ ଋଣ ସହିତ ବ୍ୟାପାରିକ ବୁଝାମଣା ଦ୍ୱାରା ଲାଭବାନ ହେଉଥିଲେ ।

କିନ୍ତୁ ଆଫ୍ରିକାରେ ୟୁରୋପୀୟମାନେ ନିଜ ଅଧିକୃତ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଅନ୍ୟାନ୍ୟ ମାନବ ବିକାଶ ପାଇଁ ଅତି କମ୍ ମାତ୍ରାରେ ଖର୍ଚ୍ଚ କରିଥିଲେ । ଏପରିକି ଲାଟିନ ଆମେରିକାରେ ଯେଉଁଠି ୧୯୦୦ ମସିହା ବେଳକୁ କିଛି ଔପଚାରିକ ଉପନିବେଶ ରହିଥିଲା, ସେଠାରେ ଅଧିକାଂଶ ଲୋକମାନେ ଗରିବ, ଅଶିକ୍ଷିତ ଏବଂ ରାଜନୈତିକ ଦୃଷ୍ଟିରୁ ଶକ୍ତିହୀନ ହୋଇ ରହିଥିଲେ ଯେପରିକି ୧୮ଶ ଏବଂ ୧୯ଶ ଶତାବ୍ଦୀରେ ଏମାନଙ୍କର ପୂର୍ବଜମାନେ ରହିଥିଲେ ।



ଟିପ୍ପଣୀ

### ୨୬.୩-ପାଠଗତ ପ୍ରଶ୍ନ

୧. ୧୯୪୫ ପରେ କିପରି ଭାବେ ମହାଶକ୍ତିମାନେ ଉପନିବେଶ ବିରୋଧି ସଂଘର୍ଷରେ ନିଜର ରୁଚି ବ୍ୟକ୍ତ କରିଥିଲେ ?

..........................................................................................

୨. ୧୯୫୩ରୁ ୧୯୮୦ ମଧ୍ୟରେ ଏସିଆର କିଛି “ଛୋଟ ଡ୍ରାଗନ”ମାନଙ୍କ ନାମ ଉଲ୍ଲେଖ କର ।

..........................................................................................

୩. ୧୯୪୫ ପରେ କେଉଁ ମହାଦେଶ ଅତି ନିକୃଷ୍ଟ ଭାବରେ ବିକଶିତ ହୋଇଥିଲା ?

..........................................................................................

## ୨୬.୫- ଚୀନ: ଜାତୀୟ ସ୍ୱାଧୀନତା, ଦୁଇ ରାଷ୍ଟ୍ର (China, National liberation, Two states)

୧୯୧୧-୧୨ ମସିହାରେ ଏକ ସମ୍ରାଟଙ୍କ ଦ୍ୱାରା ନିୟନ୍ତ୍ରିତ ଚୀନର ଏକଛତ୍ର ଶାସନର ପରିସମାପ୍ତି ଘଟିଥିଲା ଏବଂ ସେ ସ୍ଥାନରେ ଏକ ସାଧାରଣତନ୍ତ୍ର ସ୍ଥାପିତ ହୋଇଥିଲା । କିନ୍ତୁ ଉକ୍ତ ନୂତନ ସରକାର ବିଦେଶୀମାନଙ୍କ ଆଧିପତ୍ୟକୁ ହଟାଇବାରେ ଅସମର୍ଥ ହୋଇଥିଲା । ୧୯୨୦ ଦର୍ଶକର ଅନ୍ତିମ ପର୍ଯ୍ୟାୟରେ ମାଓ ସେ ତୁଙ୍ଗ, (୧୮୯୩-୧୯୭୬) ଚାଉ-ଏନ୍-ଲାଇ ଏବଂ ଡେଙ୍ଗ୍ ସିଆଓ ପିଙ୍ଗ ଏବଂ ଅନ୍ୟମାନଙ୍କ ନେତୃତ୍ୱରେ କମ୍ୟୁନିଷ୍ଟମାନେ ଜାତୀୟତାବାଦୀଙ୍କ ବିରୁଦ୍ଧରେ ଲଢି ଏବଂ ଉଭୟପକ୍ଷ ଜାପାନକୁ ବହିଷ୍କାର କରିବା ପାଇଁ ଚେଷ୍ଟା କରିଥିଲେ କାରଣ ଜାପାନ ୧୮୯୦ଦର୍ଶକରୁ ଏହା ଉପରେ କ୍ଷେତ୍ରିୟ ଏବଂ ଆର୍ଥିକ ନିୟନ୍ତ୍ରଣ ଜାରି ରଖିଥିଲା ।

ମାଓ ବିଶ୍ୱାସ କରୁଥିଲେ ଯେ ଚୀନ ଜାତୀୟତାବାଦୀମାନେ ସାମାଜିକ ତଥା ଆର୍ଥିକ ପରିବର୍ତ୍ତନ ଆଣିବା ପାଇଁ ଆଶା କରୁନାହାନ୍ତି, ଯାହାଦ୍ୱାରା ଜନତାମାନେ ଉଦ୍ଧାର ହୋଇ ପାରିବେ ଏବଂ ଏମାନେ ଏତେ ପରିମାଣରେ ଭ୍ରଷ୍ଟାଚାରୀ ଯେ ବିଦେଶୀମାନଙ୍କୁ ବିରୋଧ କରି ପାରୁନାହାନ୍ତି । ଉକ୍ତ କାରଣରୁ ଚୀନ କମ୍ୟୁନିଷ୍ଟମାନେ ୧୯୪୯ ମସିହା ବେଳକୁ କେବଳ ମାତ୍ର ଜାପାନ, ଫ୍ରାନ୍ସ ଓ ବ୍ରିଟେନକୁ ଅଧିକାଂଶ ରାଷ୍ଟ୍ରୀୟ କ୍ଷେତ୍ରରୁ ହଟିଯିବା ପାଇଁ ବାଧ୍ୟ କରି ନଥିଲେ ବରଂ ନିଜ ବିରୋଧୀ ଚୀନ୍ ଜାତୀୟତାବାଦୀ କୁମିଙ୍ଗଟାଙ୍ଗକୁ ଚୀନର ମୁଖ୍ୟ ଭୂମିରୁ ଏକ ସଂକୀର୍ଣ୍ଣ ପ୍ରଣାଳୀ ଦେଇ ଫଂରମଜା ଦ୍ୱୀପ-ବର୍ତ୍ତମାନର ତାଇୱାନକୁ ବହିଷ୍କାର କରିଦେଇଥିଲେ । ହଂକଂ ୧୯୭୭ ପର୍ଯ୍ୟନ୍ତ ବ୍ରିଟେନର ଉପନିବେଶ ଥିଲା । ସେମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା ତାଇୱାନକୁ ଚୀନର ମୁଖ୍ୟ ଭୂମି ସହିତ ମିଶାଇଦବା ଯାହାକି ଏକ ଅଲଗା ରାଷ୍ଟ୍ରରେ ପରିଣତ ହୋଇ ରହିଥିଲା ।

୧୯୪୫ରେ ଚୀନର ଇତିହାସରେ ସମ୍ଭବତ ସବୁଠାରୁ ବଡ ଧରଣର ବିପ୍ଳବ ଆସୁଥିଲା ଏବଂ ଏହା ଚୀନର (ଯାହାର ଅଧିକାଂଶ ବାଣିଜ୍ୟବ୍ୟବସାୟ ଫରାସୀ ବ୍ରିଟିଶ ଏବଂ ଆମେରିକୀୟମାନଙ୍କ ଦ୍ୱାରା ନିୟନ୍ତ୍ରତ ହେଉଥିଲା) ମୂଳଶ୍ରେଷ୍ଠ ଜନଦ୍ୱାରା ଆଧିପତ୍ୟ ବିସ୍ତାର କରିଥିବା କୃଷକ ବହୁଳ



ଟିପ୍ପଣୀ

ରାଷ୍ଟ୍ରକୁ ଚୀନ ଗଣରାଜ୍ୟ ନାମକ ଏକ ସମାଜବାଦୀ ରାଷ୍ଟ୍ରରେ ବଦଳାଇ ଦେଇଥିଲେ । ସମାଜବାଦୀ ରାଷ୍ଟ୍ରର ଅର୍ଥ ହେଲା ଔଦ୍ୟୋଗିକ ପ୍ରତିଷ୍ଠାନଗୁଡିକ ଉପରେ ରାଷ୍ଟ୍ରର ମାଲିକାନା ତଥା ସାମୁହିକ କୃଷି ଏବଂ ସାମୁହିକ ଭାବେ ଜମିର ମାଲିକାନା ପ୍ରାପ୍ତ କରିବା ।

କିନ୍ତୁ ୧୯୮୦ରୁ ସମାଜବାଦୀ ଦଳର ନେତୃତ୍ୱରେ ଉତ୍ପାଦନ ତଥା ବାଣିଜିକ କ୍ରିୟା କଲା ପରେ ମୁକ୍ତ ଉଦ୍ୟମକୁ ପ୍ରୋତ୍ସାହିତ କରିଥିଲା । ୧୯୯୩ ବେଳକୁ ଚୀନ ଗଣରାଜ୍ୟର ଦଶ ପ୍ରତିଶତ ଠାରୁ କମ୍ ଔଦ୍ୟୋଗିକ ଉତ୍ପାଦନ କେନ୍ଦ୍ରୀୟ ଯୋଜନାର ଅଧିନରେ ଥିଲା । ୧୯୮୦ଦଶକରେ ଚୀନ ଗଣରାଜ୍ୟରେ ନିଜ ଆର୍ଦଶର ବିରୁଦ୍ଧ ପନ୍ଥୀ ଦେଶମାନଙ୍କ ଠାରୁ ସହସ୍ର ବିଲିୟନ୍ (ଆମେରିକୀୟ) ଡଲାର ର ବିଦେଶୀ ନିବେଶକୁ ସ୍ୱାଗତ କରିଥିଲା । କେତେକ ଅର୍ଥଶାସ୍ତ୍ରୀ ଅନୁମାନ କରନ୍ତି ଯେ ଚୀନ ଗଣରାଜ୍ୟ ୨୦୨୦ ବେଳକୁ ବିଶ୍ୱର ସର୍ବ-ବୃହତ୍ତ ଅର୍ଥବ୍ୟବସ୍ଥା ହେବ ଯେପରି ଚୀନ ୧୮୦୦ ପୂର୍ବରୁ ଥିଲା । ଏଥି ସହିତ ଆର୍ଥିକ ଉଦାରୀକରଣ ଏବଂ ସରକାରୀ ନିୟନ୍ତ୍ରଣର କୋହଳତା ଦ୍ୱାରା ୧୯୪୯ ରୁ ୧୯୮୦ ମଧ୍ୟରେ ଚାଲିଥିବା ପ୍ରବୃତ୍ତିର ଗତିଧାରାକୁ ବିପରୀତ ମୁଖି କରିଥିଲା । ଯେତେବେଳେ ଚୀନ ସରକାରର ଲକ୍ଷ୍ୟଥିଲା ଚୀନ ଲୋକମାନଙ୍କୁ ସମସ୍ତ ସମ୍ଭବପର ଉପାୟରେ ଅଧିକାଧିକ ସମାନ କରିବା । ଯେତେବେଳେ ଚୀନ ଗଣରାଜ୍ୟ ପାଶ୍ଚାତ ଆକ୍ରମଣ ଏବଂ ପରମାଣୁ ଅସ୍ତ୍ରର ବିକାଶକୁ ନିନ୍ଦା କରୁଥିଲା ସେତେବେଳେ ସେ ୧୯୬୦ ଦଶକର ପ୍ରାରମ୍ଭ ବେଳକୁ ନିଜେ ଏକ ପରମାଣୁ ଶକ୍ତିବିଶିଷ୍ଟ ରାଷ୍ଟ୍ରରେ ପରିଣତ ହୋଇଥିଲା । କୋରିଆ ଯୁଦ୍ଧ (୧୯୫୦-୫୩) ସମୟରେ ଆମେରିକୀୟ ନେତାମାନେ ଚୀନ ଉପରେ ପରମାଣୁ ଅସ୍ତ୍ର ପ୍ରୟୋଗ କରିବାର ପ୍ରୟାସ କରିଥିଲେ କହି ଚୀନ ନେତାମାନେ ନିଜର ସାମାରିକ ନିର୍ମାଣକୁ ଯୁକ୍ତି ଯୁକ୍ତ ବୋଲି ଦର୍ଶାଇଥିଲେ । ଠିକ୍ ସେହି ସମୟରେ ଚୀନ୍ ଏବଂ ସୋଭିଏତ୍ ଋଷ ମଧ୍ୟରେ ସମ୍ପର୍କରେ ତିକ୍ତତା ଦେଖା ଯାଉଥିଲା କାରଣ ମାଓ ବିଶ୍ୱାସ କରୁଥିଲେ ଯେ ମାର୍କ୍ସବାଦ ଏବଂ ଲେନିନ୍‌ବାଦକୁ ଚୀନର ସ୍ଥିତି ଅନୁସାରେ ଉପଯୋଗୀ କରାଇବା ଆବଶ୍ୟକ ଏବଂ ସେ ନିଜେ ଏବଂ ଅନ୍ୟ ନେତାମାନେ ସୋଭିଏତ୍ କର୍ତ୍ତୃତ୍ୱ ପ୍ରାଧାନ୍ୟ ପ୍ରତି ଭୟଭିତ ହୋଇ ଯାଇଥିଲେ । ୧୯୬୦ ଏବଂ ୧୯୭୦ ଦଶକ ବେଳକୁ ସୋଭିଏତ୍ ଋଷ ଆମେରିକୀୟଙ୍କ ବିରୁଦ୍ଧରେ ଲଢୁଥିବା ଭିଏତ୍‌ନାମୀ କମ୍ୟୁନିଷ୍ଟମାନଙ୍କୁ ସାମାରିକ ସାହାର୍ଯ୍ୟ ପ୍ରଦାନ କରିଥିଲା କିନ୍ତୁ ଚୀନ କରିବା ପାଇଁ ମନା କରି ଦେଇଥିଲା । ଠିକ୍ ସେତିକବେଳେ ଚୀନ ଆଫ୍ରିକାରେ ଚାଲିଥିବା ସମାଜବାଦ-ସମର୍ଥକ ଜନ-ଆନ୍ଦୋଳନକୁ ସାହାର୍ଯ୍ୟ ପ୍ରଦାନ କରିଥିଲା । ଚୀନ ତୃତୀୟ ବିଶ୍ୱର ଅନେକ ଦେଶମାନଙ୍କର ବିକାଶ ପାଇଁ ସାହାର୍ଯ୍ୟ ପ୍ରଦାନ କରିଥିଲା ।

## ୨୬.୪ ପାଠଗତ ପ୍ରଶ୍ନ

୧. ଚୀନ କମ୍ୟୁନିଷ୍ଟ ପାଟିଦ୍ୱାରା ୧୯୩୦ ଦଶକରେ ଚୀନର ଶତ୍ରୁରୂପେ ଚିହ୍ନିତ ଦୁଇଟି ରାଷ୍ଟ୍ରର ନାମ ଉଲ୍ଲେଖ କରେ ।

.......................................................................................................



ଟିପ୍ପଣୀ



୨. ୧୯୮୦ରୁ ଚୀନର ସାମ୍ୟବାଦୀ ନେତୃତ୍ୱ ସମାଜବାଦ ଏବଂ ବିକାଶ ପାଇଁ ନିଜର ଚିନ୍ତାଧାରାର ସଂଶୋଧନ କରିଥିଲା । ଏହା ପ୍ରମାଣିତ କର ?

..........................................................................................

୩. ଭିଏତ୍‌ନାମର୍ ସ୍ୱାଧୀନତା ସଂଗ୍ରାମରେ ଚୀନ ଗଣରାଜ୍ୟ କଣ ସାହାର୍ଯ୍ୟ ଅଥବା ପ୍ରତ୍ସାହିତ କରିଥଲା ?

..........................................................................................

## ୨୬.୬ ଉପନିବେଶ ବାଦର ପରବର୍ତ୍ତୀ ବିଶ୍ୱରେ ବିକାଶର ସମସ୍ୟା

ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ତଥା ପରେ ବୃହତ୍ତ ଶକ୍ତିଗୁଡିକର ନେତୃବୃନ୍ଦମାନେ ବିଶ୍ୱ ସ୍ତରରେ ଅଧିକ ନ୍ୟାୟ ସଙ୍ଗତ-ଧନର ବିତରଣକୁ ବିଶ୍ୱର ଶାନ୍ତି ଏ ସ୍ଥାୟିତ୍ୱ ପାଇଁ ଅନିବାର୍ଯ୍ୟ ବୋଲି ସ୍ୱୀକୃତି ପ୍ରଦାନ କରିଥିଲେ। ୧୯୪୫ ପରେ ପରେ ଧନ-ଉତ୍ପାଦନ ତଥା ବାଣିଜ୍ୟ ବ୍ୟବସାୟରେ ପ୍ରବେଶାଧିକାର ପାଇଁ ଦେଖା ଦେଇଥିବା ବିବାଦଗୁଡିକୁ ଆୟତ୍ତାଧୀନ କରିବା ପାଇଁ ସଂଯୁକ୍ତ ରାଷ୍ଟ୍ର ସଂଘ (UNO), ଆର୍ନ୍ତରାଷ୍ଟ୍ରୀୟ ମୁଦ୍ରାକୋଷ (IMF) ଏବଂ ବିଶ୍ୱବ୍ୟାଙ୍କ ଭଳି ନୂତନ ବିଶ୍ୱସ୍ତରୀୟ (global) ସଂସ୍ଥାଗୁଡ଼ିକୁ ସ୍ଥାପନ କରାଯାଇଥିଲା। ଆନ୍ତରାଷ୍ଟ୍ରୀୟ ମୁଦ୍ରାକୋଷ ସେହି ଦେଶମାନଙ୍କ ପାଇଁ ଋଣର ବ୍ୟବସ୍ଥା କରିଥିଲା ଯେଉଁମାନେ ନିଜର ଆମଦାନୀ ଉପରେ ହେଉଥିବା ନିଜର ବ୍ୟୟକୁ ସନ୍ତୁଳିତ କରିବା ପାଇଁ ନିଜର ରପ୍ତାନୀରୁ ପର୍ଯ୍ୟାପ୍ତ ପରିମାଣର ଧନ ଅର୍ଜ୍ଜନ କରି ପାରୁନଥିଲେ। ବିଶ୍ୱବ୍ୟାଙ୍କ ଜଳସେଚନ ଏବଂ ଜଳ-ବିଦ୍ୟୁତ ପ୍ରକଳ୍ପ ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ଭିତ୍ତିଭୂମିନିର୍ମାଣ (Infrastructure)କାର୍ଯ୍ୟର ଉନ୍ନତି ପାଇଁ ରାଷ୍ଟ୍ରମାନଙ୍କୁ ବିକାଶ-ସହାୟତା ରାଶି ନାମରେ ଋଣ ପ୍ରଦାନ କରୁଥିଲା। ଏହି ପ୍ରକଳ୍ପଗୁଡିକ ମୁଖ୍ୟତଃ ଉତ୍ପାଦକତା ତଥା ଆର୍ଥିକ ସୁରକ୍ଷା ବଢାଇବା ପାଇଁ ଉଦ୍ଦିଷ୍ଟ ଥିଲା।

କିନ୍ତୁ ଅନେକ ଲୋକମାନେ ଯୁକ୍ତି ବାଢନ୍ତି ଯେ ଉକ୍ତ ସଂସ୍ଥାଗୁଡିକ ସେହି ରାଷ୍ଟ୍ରମାନଙ୍କର ସ୍ୱାର୍ଥକୁ ଅନୁଗ୍ରହ ପ୍ରଦାନ କରିଥିଲା ଯେଉଁଗୁଡିକ ପୂର୍ବରୁ ହିଁ ବିକଶିତ ଥିଲେ। ଅନ୍ତରାଷ୍ଟ୍ରୀୟ ମୁଦ୍ରାକୋଷ ଋଣ ଗ୍ରହଣ କରୁଥିବା ସରକାରମାନଙ୍କୁ ନିଜର ନିଅଣ୍ଟିଆ ପରିସ୍ଥିତିକୁ କମ୍ କରିବା ପାଇଁ ଆଶା ପ୍ରକାଶ କରୁଥିଲା। ଏହି କାରଣରୁ ସେମାନେ ନିଜନିଜର ସାମାଜିକ ପ୍ରକଳ୍ପ ଖର୍ଚ୍ଚକୁ (ଯଥା:-ଶିକ୍ଷା, ସ୍ୱାସ୍ଥ୍ୟ ଓ ବାସଗୃହ ପାଇଁ ଖର୍ଚ୍ଚକୁ) କମାଇଥିଲେ। ଆନ୍ତଃରାଷ୍ଟ୍ରୀୟ ମୁଦ୍ରାକୋଷ ସରକାରମାନଙ୍କୁ ନିଜ ନିଜର ମୁଦ୍ରାକୁ ଅବମୂଲ୍ୟାୟନ (devaluation) କରିବା ପାଇଁ ପରାମର୍ଶ ଦେଇଥିଲା କାରଣ ଏହା ଦ୍ୱାରା ବିଶ୍ୱ ବଜାରମାନଙ୍କରେ ସେମାନଙ୍କ ଦ୍ୱାରା ରପ୍ତାନି କରାଯାଉଥିବା ଦ୍ରବ୍ୟଗୁଡିକର ଦର କମ୍ ହୋଇଥାଏ।

୧୯୪୫ ପରେ ସଂଯୁକ୍ତ ରାଷ୍ଟ୍ର ସଂଘର ସ୍ଥାୟୀ ସୁରକ୍ଷା ପରିଷଦରେ ରୁଷ, ଆମେରିକା, ରାଷ୍ଟ୍ରବାଦୀ ଚୀନ (୧୯୭୦ ପର୍ଯ୍ୟନ୍ତ), ଗ୍ରେଟବ୍ରିଟେନ ଏବଂ ଫ୍ରାନ୍ସ ସାମିଲ ହୋଇଥିଲେ। ଶୀତଳ ଯୁଦ୍ଧ ସମୟରେ ବ୍ରିଟେନ ଏବଂ ଫ୍ରାନ୍ସ ସୁରକ୍ଷା ପରିଷଦରେ ଉଠିଥିବା ଦୁଇ-ତୃତୀୟାଂଶ





ପ୍ରଶ୍ନ ଉପରେ ଆମେରିକାର ପକ୍ଷ ନେଇଥିଲେ, ଯେଉଁଥିରେ ବିଶ୍ୱର ରାଜନୀତି ତଥା ଆର୍ଥିକ ବିଷୟରେ ଆମେରିକାର ପ୍ରାଥମିକତା ଏବଂ ନିଷ୍ପତ୍ତି ବଳବତ୍ତର ରହିଥିଲା ।

ଏସିଆ, ଆଫ୍ରିକା ଏବଂ ଲାଟିନ୍ ଆମେରିକାର କିଛି ବ୍ୟକ୍ତିଙ୍କ ଦୃଷ୍ଟିରେ ବିକଶିତ ପୁଞ୍ଜିବାଦୀ ସମାଜର ନେତାମାନଙ୍କ ଦ୍ୱାରା ସ୍ୱାଧୀନତା ଏବଂ ନ୍ୟାୟ ବିଷୟରେ କରାଯାଇଥିବା ଦାବି ଲଜ୍ଜାଜନକ ବୋଲି ଅନୁମେୟ ଏବଂ ଏମାନଙ୍କ ଦ୍ୱାରା ତିଆରି କରାଯାଇଥିବା ନୀତିଗୁଡିକ ଛଳନାତ୍ମକ ବୋଲି ପ୍ରତୀୟମାନ ହୁଏ । ସେହି ସମୟରେ ସାରା ବିଶ୍ୱର ଲୋକମାନେ ପତ୍ରପତ୍ରିକା, ସିନେମା ଏବଂ ଟେଲିଭିଜନ ମାଧ୍ୟମରେ ପାଶ୍ଚାତ ପୁଞ୍ଜିବାଦୀ ଜୀବନଶୈଳୀ ସହ ଗଭୀର ସମ୍ପର୍କରେ ଆସିବା ଦ୍ୱାରା ପାଶ୍ଚାତ (ବିଶେଷ କରି ଆମେରିକୀୟ) ଶୈଳୀରେ ନିଜର ଆର୍ଥିକ ତଥା ଅନ୍ୟ କ୍ରୀୟା କଳାପକୁ ପ୍ରସ୍ତୁତ କରିବା ପାଇଁ ପରୋକ୍ଷରେ ସମ୍ମତି ପ୍ରଦାନ କରିଥିଲେ ।

**ଆମେରିକୀ ଅର୍ଥଶାସ୍ତ୍ରୀ-** ଡବ୍ଲୁ. ଡବ୍ଲୁ ରୋଷ୍ଟୋ ବିଶ୍ୱାସ କରନ୍ତି ଯେ ପୂର୍ବରୁ ଥିବା ଉପନିବେଶଗୁଡିକ ବ୍ରିଟେନ ଭଳି ପ୍ରାରମ୍ଭିକ ଔଦ୍ୟୋଗିକ ରାଷ୍ଟ୍ରଦ୍ୱାରା ଅନୁସରଣ କରାଯାଇଥିବା ମାର୍ଗ ଦ୍ୱାରା ପରିଚାଳିତ ହୋଇ ନିଜର କୃଷିର ଉତ୍ପାଦନ ବୃଦ୍ଧି କରି ଏବଂ ମୁକ୍ତ ବାଣିଜ୍ୟ ନୀତି ଦ୍ୱାରା ଉଦ୍ୟୋଗର ବିକାଶ ପାଇଁ ପୁଞ୍ଜି ଏକତ୍ର କରି ଆର୍ଥିକ ଆଧୁନିକତା ଆଡକୁ ଅଗ୍ରସର ହୋଇ ପାରିବେ । ବିକାଶର ଏହି ଚିନ୍ତାଧାରାକୁ ଅଧୁନିକୀକରଣର ସିଦ୍ଧାନ୍ତ କୁହାଯାଏ ।

ପ୍ରଥମେ ଆର୍ଜେଣ୍ଟିନା ଏବଂ ପରେ ବ୍ରାଜିଲ ଉକ୍ତ ପନ୍ଥାକୁ ଅନୁସରଣ କରିବାକୁ ଚେଷ୍ଟା କରି କିଛି ଉଦ୍ୟୋଗର ବିକାଶ କରିଥିଲା ବେଳେ ଲାଟିନ ଆମେରିକା, ଆଫ୍ରିକା ଏବଂ ଏସିଆର କେତେକ ଦେଶଗୁଡିକ ୧୯୬୦ ଏବଂ ୧୯୮୦ ଦଶକ ମଧ୍ୟରେ ବିକାଶର ସଙ୍କଟର ସମ୍ମୁଖୀନ ହୋଇଥିଲେ ଏବଂ ସେଗୁଡିକର ଔଦ୍ୟୋଗୀକରଣ ସ୍ଥିର ହେବା ସହିତ ଦାରିଦ୍ର୍ୟ ବୃଦ୍ଧି ପାଇଥିଲା । ୧୯୬୦ ପରେ ଲାଟିନ ଆମେରିକାରେ ବିଦେଶୀ କମ୍ପାନୀମାନଙ୍କ ଦ୍ୱାରା ନିବେଶିତ ଧନଠାରୁ ବହୁ ଅଧିକ ଧନ(ଲାଭ ରୂପରେ) କାଢ଼ିନେଇ ଯାଇଥିଲେ । ନିଜସ୍ୱ ତଥା ଆନ୍ତରାଷ୍ଟ୍ରୀୟ ମୁଦ୍ରାକୋଷ ଠାରୁ ନିଆଯାଇଥିବା ଋଣ ଦ୍ୱାରା ପରିସ୍ଥିତି ସୁଧାରି ନଥିଲା । ୧୯୮୦ ଦଶକରେ ଲାଟିନ ଆମେରିକାର ଦେଶଗୁଡିକୁ ପ୍ରାୟ ୨୦୦ ବିଲିୟନ ଆମେରିକୀ ଡ଼ଲାର ଠାରୁ ଅଧିକ ଅର୍ଥ ଋଣ ବାବଦରେ ପରିଶୋଧ କରିବାକୁ ପଡ଼ିଥିଲା । ୧୯୯୦ ଦଶକର ପ୍ରାରମ୍ଭରେ ୬୦ ପ୍ରତିଶତରୁ ଅଧିକ ଲାଟିନ୍ ଆମେରିକୀ ପରିବାର ନିଜସ୍ୱ ପ୍ରାଥମିକ ଆବଶ୍ୟକତା ଯଥା:-ଖାଦ୍ୟ, ବସ୍ତ୍ର ଏବଂ ବାସଗୃହକୁ ପୂରଣ କରିବା ପାଇଁ ଆବଶ୍ୟକୀୟ ଅର୍ଥ ଉପାର୍ଜନ ପାଇଁ କାର୍ଯ୍ୟକ୍ଷମ ହୋଇ ପାରିନଥିଲେ । ଆଫ୍ରୀକାର ଆର୍ଥିକ ସ୍ଥିତି ଅତ୍ୟଧିକ ଖରାପ ଥିଲା । ୧୯୮୦ ଦଶକରେ ଜାଇରି ଏବଂ ବୁରୁଣ୍ଡି ଭଳି ଆଫ୍ରୀକାର କିଛି ଦେଶରେ ନାକାରତ୍ମକ ବୃଦ୍ଧି ଦେଖା ଦେଇଥିଲା ।

ଲାଟିନ ଆମେରିକାର ଅର୍ଥଶାସ୍ତ୍ରୀ ତଥା ରାଜନୀତିର ବୈଜ୍ଞାନିକମାନେ ରୋଷ୍ଟୋ ଭଳି ଅର୍ଥଶାସ୍ତ୍ରୀଙ୍କ ଦ୍ୱାରା ଦିଆଯାଇଥିବା ଯୁକ୍ତିକୁ ଏବଂ କିଛି ପାଶ୍ଚାତ ନେତାମାନଙ୍କ ଦ୍ୱାରା ପ୍ରବର୍ତ୍ତିତ ବିକାଶ ସମ୍ବନ୍ଧୀୟ ସିଦ୍ଧାନ୍ତକୁ ସମାଲୋଚନା କରିଥିଲେ । ଉକ୍ତ ସମାଲୋଚନାମୂଳକ ବିଚାରକୁ ବେଳେ ବେଳେ ନିର୍ଭରତା ନୀତି ଅଥବା ନିମ୍ନ ବିକାଶ (under development)ର ସିଦ୍ଧାନ୍ତ କୁହାଯାଏ ।



ଟିପ୍ପଣୀ

ରାଓଲ ପ୍ରେବିଶ୍ଚ (Raul Prebisch)ଏବଂ ଅନ୍ୟ ନିର୍ଭରତା ସିଦ୍ଧାନ୍ତବାଦିମାନେ ଜୋର ଦେଇ କହନ୍ତି ଯେ ଶତାବ୍ଦି ଧରି ସ୍ପେନୀୟ ତଥା ପର୍ତ୍ତୁଗାଲୀ ଶାସନ ତା'ପରେ ଦଶନ୍ଧି ଧରି ବ୍ରିଟେନ୍, ଆମେରିକୀ ତଥା ଅନ୍ୟ ଦେଶମାନଙ୍କ ଦ୍ୱାରା ଆର୍ଥିକ ପ୍ରଭୁତ୍ୱ ବିସ୍ତାର ହେତୁ ଅଧିକାଂଶ ଲାଟିନ୍ ଆମେରିକୀୟମାନେ ବିଶେଷ କରି ନିଯୁକ୍ତି ଏବଂ ଆର୍ଥିକ ସମ୍ପଦର ବ୍ୟବହାର କରିବା ଭଳି ଭୌତିକ ପରିସ୍ଥିତିରେ ନିଜ ନିଜର ସ୍ୱାଧୀନତାକୁ ଉପଯୋଗ କରିବା ପାଇଁ ଅସମର୍ଥ ହୋଇଥିଲେ ।

ପ୍ରେବିଶ୍ଚଙ୍କ ଭଳି ୱାଲ୍ଟର ରୋଡ଼ନେ (Walter Rodney)୧୯୭୦ ଦଶକରେ ଆଫ୍ରିକାରେ ନିରୀକ୍ଷଣ କରି ଦେଖିଥିଲେ ଯେ ଶତାବ୍ଦୀ ଧରି ଉପନିବେଶ ବାଦରୁ ସୃଷ୍ଟି ହୋଇଥିବା"ନିର୍ଭରତାର ନମୁନାରୁ"(dependency pattern)ଉପନିବେଶଗୁଡ଼ିକ ସୁରୁଖୁରୁରେ ବାହାରି ପାରୁନାହାନ୍ତି । (ଉପନିବେଶବାଦର ଆଲୋଚନା ୟୁନିଟ ୫.୧ରେ ଦେଖ) । ଏମାନେ ଗୁରୁତ୍ୱ ଦେଇ ପ୍ରକାଶ କରନ୍ତି ଯେ ଯେଉଁ ପର୍ଯ୍ୟନ୍ତ ବଡ଼ ଜମିଦାରମାନେ ଗରିବ ଚାଷୀ ଏବଂ ଶ୍ରମିକମାନଙ୍କୁ ଶୋଷଣ ବନ୍ଦ ନ କରିବେ ସେତେ ପର୍ଯ୍ୟନ୍ତ କୃଷି ଅନୁନ୍ନତ ରହିବ । ଏଥିପାଇଁ ବଡ଼ ଜାଗୀରି (ଭାରତର ଜମିଦାରୀ ଭଳି)ଗୁଡିକୁ ଭାଙ୍ଗି କୃଷକମାନଙ୍କ ମଧ୍ୟରେ ପୁନଃ ବିତରଣ କରିବା ଦରକାର ।

ତୃତୀୟ ବିଶ୍ୱର ଅନେକ ସଫଳ ରାଜନେତାମାନେ ସୋଭିଏତ୍ ସଂଘ ତଥା ଚୀନ୍‌ର ଅନୁଭୂତି ଉପରେ ଆଧାରିତ କଠିନ ଓ ସାହସ ପୂର୍ଣ୍ଣ ଉଦ୍ୟମ ତଥା ସମ୍ପଦ ଉପରେ ରାଷ୍ଟ୍ରର ପ୍ରଭୁତ୍ୱ ଅଥବା ନିୟନ୍ତ୍ରଣ ଉପରେ ଆଧାରିତ ଆର୍ଥିକ ବିକାଶର ରଣ କୌଶଳକୁ ଅନୁସରଣ କରିଥିଲେ । ଏମାନେ ବିଦେଶୀ ରାଷ୍ଟ୍ର ତଥା ନିବେଶକମାନଙ୍କୁ ଅଧିକ ମାତ୍ରାରେ ଲାଭାଂଶ ଯିବାକୁ ମଧ୍ୟ ପ୍ରତିରୋଧ କରିଥିଲେ । ଏହା ବ୍ୟତୀତ ବିନା ଖର୍ଚ୍ଚରେ ଶିକ୍ଷା ଏବଂ ସୁଲଭ ସ୍ୱାସ୍ଥ୍ୟ ସେବା ଇତ୍ୟାଦି ମାଧ୍ୟମରେ ଗରୀବମାନଙ୍କର ଉତ୍‌ଥାନ ପାଇଁ ମଧ୍ୟ ଚେଷ୍ଟାରତ ଥିଲେ । ଉଦାହରଣ ସ୍ୱରୂପ କ୍ୟୁବାରେ ଫାଇଡେଲ କେଷ୍ଟ୍ରୋ (Fidol Castro) ୧୯୫୦ ଦଶକରେ ଏକ ଜାତୀୟତାବାଦୀ ଆନ୍ଦୋଳନର  ନେତୃତ୍ୱ ଗ୍ରହଣ କରିଥିଲେ ଏବଂ କ୍ୟୁବାର ଜନତାଙ୍କ ହିତପାଇଁ ଉକ୍ତ ନୀତିମାନ ଅନୁସରଣ କରିଥିଲେ । ଏହି କେଷ୍ଟ୍ରା ବିଦ୍ରୋହ କେତେକ ଲାଟିନ ଆମେରିକୀୟ ଦେଶରେ ବେଶ୍ ଲୋକପ୍ରିୟ ହୋଇ ପାରିଥିଲା । ଏହା ନିଜ ଦେଶରେ ଆମେରିକା ଦ୍ୱାରା ପ୍ରେରିତ ଏକଛତ୍ରବାଦୀ ଏବଂ ଚାଲିଥିବା ବିଦେଶୀ ପ୍ରଭାବ ବିରୁଦ୍ଧରେ କ୍ରୋଧ ପ୍ରକାଶ କରିଥିଲା । ଅଧିକାଂଶ କ୍ୟୁବାର ନାଗରିକମାନଙ୍କର ଜୀବନ ଯାପନ ପ୍ରଣାଳୀ ଧନୀ ଦେଶ ଲୋକଙ୍କ ଅପେକ୍ଷା ଅଧିକ ଉଚ୍ଚକୋଟୀର ଥିଲା ।

୧୯୬୦ ମସିହା ପରେ ଅନ୍ୟ ଲାଟିନ ଆମେରିକୀୟ ଦେଶମାନେ କେତେକ ବିଷୟରେ କ୍ୟୁବାର ଉଦାହରଣ ଅନୁସରଣ କରିଥିଲେ । ସଲଭାଡର ଏଲେଣ୍ଡି (Salvador Allende)ଏକ ସମାଜବାଦୀ ରୂପେ ଚିଲୀର ରାଷ୍ଟ୍ରପତି ଭାବେ ୧୯୭୦ରେ ନିର୍ବାଚିତ ହୋଇଥିଲେ । ନିଜର ସଂକ୍ଷିପ୍ତ କାର୍ଯ୍ୟକାଳ ସମୟରେ ସେ ଚିଲୀର ବିଦେଶୀ ନିଗମମାନଙ୍କ ଦ୍ୱାରା ନିୟନ୍ତ୍ରିତ ଖଣିଜ ସମ୍ପଦକୁ "ରାଷ୍ଟ୍ରୀୟକରଣ" କରିବା ପାଇଁ ପ୍ରୟାସ କରିଥିଲେ । ଆମେରିକାର ସାହାଯ୍ୟ ଦ୍ୱାରା ଏକ ଆଭ୍ୟନ୍ତରୀଣ ଶତ୍ରୁ ତାଙ୍କୁ ଗାଦିଚ୍ୟୁତ କରି ୧୯୭୩ ମସିହାରେ ତାଙ୍କୁ ହତ୍ୟା କରିଥିଲେ ଦେଇଥିଲେ ଏବଂ ତାଙ୍କ ସ୍ଥାନରେ ଏକ ଏକଛତ୍ର ଶାସକ (ଜେନେରାଲ ପିନୋଚେଟ୍ General



ଟିପ୍ପଣୀ

Pinochet)ଙ୍କୁ ୧୯୯୦ ପର୍ଯ୍ୟନ୍ତ ଶାସନରେ ବସାଇଥିଲେ । ନିକଟ ଅତୀତରେ ଏକ ସେନାଧିକାରୀ ହ୍ୟୁଗୋ ଚାଭେଜ (Hugo Chavez)୧୯୯୮ରେ ଭେନେଜୁଆଲାର ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ । ଭେନେଜୁଆଲାକୁ ଦାରିଦ୍ରତାରୁ ମୁକ୍ତି କରିବା ପାଇଁ ସେ ରାଷ୍ଟ୍ରାୟତ ତୈଳ କମ୍ପାନୀମାନଙ୍କଠାରୁ ପ୍ରାପ୍ତ ରାଜସ୍ୱକୁ ବିନିଯୋଗ କରିଥିଲେ । ତାଙ୍କ କାର୍ଯ୍ୟକାଳର ପ୍ରଥମ ବର୍ଷରେ ସାମାଜିକ କାର୍ଯ୍ୟକ୍ରମ ଉପରେ ସରକାରୀ ବ୍ୟୟ ନାଟକୀୟ ଭାବେ ବୃଦ୍ଧି କରାଯାଇଥିଲା ଏବଂ ସେ ସଫଳତାର ସହିତ ଆମେରିକାର ମୁକାବିଲା କରି ପାରିଥିଲେ । କ୍ୟୁବାରେ କାଷ୍ଟ୍ରୋଙ୍କ ଶାସନ ଏବଂ ଭେନେଜୁଆଲାରେ ଚାଭେଜଙ୍କ ଉତ୍‌ଥାନ ଜାତୀୟତାବାଦୀ ବିକାଶଶୀଳ ବିଶ୍ୱର ମାର୍ଗରେ ବଳ ଏବଂ ବିକାଶରେ ଲୋକାଭିମୁଖି ଦୃଷ୍ଟାନ୍ତକୁ ପ୍ରଦର୍ଶିତ କରିଥିଲା ।

## ୨୬.୫ ପାଠଗତ ପ୍ରଶ୍ନ

ବାମ ସ୍ତରରେ ଦିଆଯାଇଥିବା ଶବ୍ଦଗୁଡିକୁ ଡ଼ାହାଣ ସ୍ତମ୍ଭର ଦିଆଯାଇଥିବା ଶବ୍ଦ ସହିତ ମିଳାଅ ।

| | | |
|---|---|---|
| ୧. ଡ଼ବ୍ଲୁ ଡ଼ବ୍ଲୁ ରୋଷ୍ଟୋ | - | ବଳକାଦେୟ ସମ୍ବନ୍ଧୀୟ ସମସ୍ୟାର ସମାଧାନ |
| ୨. ଆର୍ନ୍ତରାଷ୍ଟ୍ରୀୟ ମୁଦ୍ରାକୋଷ | - | କ୍ୟୁବା |
| ୩. ପ୍ରିବିଶ୍ଚ | - | ଭେନେଜୁଆଲାର ରାଷ୍ଟ୍ରୀୟ ନେତା |
| ୪. ଫାଇଡ଼େଲ କେଷ୍ଟ୍ରୋ | - | ଆଧୁନିକୀକରଣର ସିଦ୍ଧାନ୍ତ |
| ୫. ଚାଭେଜ | - | ଆଶ୍ରିତର ସିଦ୍ଧାନ୍ତ |

## ତୁମେ କ'ଣ ଶିଖିଲ

ଆଜିର ପୃଥିବୀ ଅନେକ ଜାତୀୟ ରାଷ୍ଟ୍ରରେ ବିଭାଜିତ ହୋଇଅଛି । ଯେଉଁମାନେ ନିଜ ନିଜର ମାମଲାରେ ନିର୍ଣ୍ଣୟ ନେବା ପାଇଁ ପୁରାପୁରି ମୁକ୍ତ । ୟୁରୋପୀୟ ଦେଶଗୁଡିକ ଏବେ ନିଜଠାରୁ ବୃହତ୍ତ ତଥା ଅଧିକ ଜନସଂଖ୍ୟା ବିଶିଷ୍ଟ ଅଞ୍ଚଳ ଉପରେ ଶାସନ କରୁ ନାହାନ୍ତି । ଶତାଧିକ ଜାତୀୟ ସ୍ୱାଧୀନତା ସଂଗ୍ରାମ, ଯେଉଁଗୁଡିକ ଦ୍ୱିତୀୟ ବିଶ୍ୱଯୁଦ୍ଧ ପୂର୍ବରୁ ଆରମ୍ଭ ହୋଇଥିଲା, ଯୁଦ୍ଧ ପରେ ପରେ ସଫଳ ହୋଇଥିଲେ । ଦେଶ ଦେଶ ମଧ୍ୟରେ ବିବାଦ ଏବଂ ଜାତୀୟ ସ୍ୱତନ୍ତ୍ରତା ଆନ୍ଦୋଳନଗୁଡିକ (ଲୋକମାନେ ନିଜ ରାଷ୍ଟ୍ର ଗଠନ ପାଇଁ ଅଥବା ଅନ୍ୟ ରାଷ୍ଟ୍ରରେ ମିଶିବା ପାଇଁ) ଚାଲୁଥିବା ସମୟରେ ଉକ୍ତ ବିବାଦକୁ କମାଇବା ପାଇଁ ପରଦେଶୀୟ ସଂସ୍ଥା ଏବଂ ସଂଗଠନଗୁଡିକ ରହିଥିଲେ । ଏମାନଙ୍କ ମଧ୍ୟରୁ କେତେକ ସଂଗଠନଗୁଡିକ ପୂର୍ବ ଉପନିବେଶଗୁଡିକୁ ଏବଂ ଅନ୍ୟାନ୍ୟ ଦରିଦ୍ରତମ ଅଞ୍ଚଳଗୁଡିକର ବିକାଶ ପାଇଁ ଗଠନ କରାଯାଇଥିଲା । ତଥାପି ଜାତୀୟ ସ୍ୱାଧୀନତା ସଂଗ୍ରାମର ଆରମ୍ଭ ହେବାର ପଚାଶ ବର୍ଷ ପରେ ମଧ୍ୟ ପାଞ୍ଚ-ଛଅଟି ରାଷ୍ଟ୍ର ଅନ୍ୟ ସମସ୍ତ ରାଷ୍ଟ୍ରର ସମ୍ମିଳିତ ଧନରାଶି ଅପେକ୍ଷା ଅଧିକ ଧନକୁ ନିଜ ନିଜର ନିୟନ୍ତ୍ରଣରେ ରଖିପାରିଛନ୍ତି । ବିଶ୍ୱର ଅସମାନ ଆର୍ଥିକ ଶକ୍ତି ବିଷୟରେ ତର୍କ ମଧ୍ୟ ଚାଲୁ ରହିଅଛି ।



ଟିପ୍ପଣୀ

## ପାଠାନ୍ତ ପ୍ରଶ୍ନ

୧. ପୁରାତନ ଆଧୁନିକ ବିପ୍ଲବ (ଫ୍ରାନ୍ସ ଏବଂ ଆମେରିକାର) ଏବଂ ୧୯୧୭ ମସିହାର ଋଷ ବିପ୍ଲବ କିପରି ଭାବେ ବିଂଶ ଶତାବ୍ଦୀର ଜାତୀୟ ମୁକ୍ତି ଆନ୍ଦୋଳନକୁ ପ୍ରଭାବିତ କରିଥିଲା ?

.................................................................................................

୨. ଉପନିବେଶ-ବିରୋଧୀ ସଂଗ୍ରାମରେ ଏପରି କିଛି ନେତାଙ୍କ ବିଷୟରେ ଉଲ୍ଲେଖ କର ଯେଉଁମାନେ ନିଜ ଔପନିବେଶିକ ରାଷ୍ଟ୍ରରେ ରହି କାର୍ଯ୍ୟ କରୁଥିଲେ ?

.................................................................................................

୩. କେଉଁ ଉପନିବେଶ-ବିରୋଧୀ ଜାତୀୟ ସ୍ୱାଧୀନତା ସଂଗ୍ରାମ ଦ୍ୱିତୀୟ ବିଶ୍ୱଯୁଦ୍ଧର ଆରମ୍ଭରେ ହୋଇଥିଲା ବା ସେଥିରୁ ସୃଷ୍ଟି ହୋଇଥିଲା ?

.................................................................................................

୪. ଏହା କହିବା କ'ଣ ପାଇଁ ଉଚିତ୍ ହେବ ଯେ ବିଂଶ ଶତାବ୍ଦୀର ଚୀନ୍ ବିପ୍ଲବ ଇତିହାସର ମହାନ୍ତମ ବିପ୍ଲବ ହୋଇ ରହିଅଛି ?

.................................................................................................

୫. ରାଷ୍ଟ୍ରୀୟ ବିକାଶର କିଛି ପ୍ରମୁଖ (ଭିନ୍ନ) ରଣ ନୀତି ଗୁଡ଼ିକର ବର୍ଣ୍ଣନା କର ।

.................................................................................................

୬. ବିଶ୍ୱ ବ୍ୟାପାର ଏବଂ ବିକାଶରେ ସମାନତା ଆଣିବା ପାଇଁ କ'ଣ କ'ଣ ଆନ୍ତର୍ଜାତୀୟ ସଂସ୍ଥାଗୁଡ଼ିକୁ ଗଠନ କରାଯାଇଅଛି ?

.................................................................................................

## ପାଠଗତ ପ୍ରଶ୍ନର ଉତ୍ତର

**୨୬.୧**

୧. ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ଦକ୍ଷିଣ ଆଫ୍ରିକା, କାନାଡା

୨. ଉପନିବେଶୀ ଜନତାଙ୍କୁ ସାର୍ବଭୌମ ସୈନ୍ୟବାହିନୀରେ ସାମିଲ କରିବ । ଏବଂ ଯୁଦ୍ଧ ସରଞ୍ଜାମ ଉତ୍ପାଦନରେ ଯୋଗଦାନ ଉପନିବେଶର ଲୋକମାନଙ୍କୁ ପୂର୍ଣ୍ଣ ନାଗରିକ ଅଧିକାର ଏବଂ ଜାତୀୟ ସ୍ୱାଧୀନତା ପାଇଁ ପ୍ରେରଣା ପ୍ରଦାନ କରିଥିଲା ।

୩. ଆଲ୍‌ଜେରିଆ, ମଳୟ, ଏଙ୍ଗୋଲା, ମୋଜାମ୍ବିକ, ଭିଏତ୍‌ନାମ୍

**୨୬.୨**

୧. ଆଫ୍ରିକାର ଏକଛତ୍ର ଶାସନ



ଟିପ୍ପଣୀ

୨. ଇଣ୍ଡୋନେସିଆ

୩. ଭାରତ

୪. ୧୯୪୫ରେ ସ୍ଥାପିତ

**୨୬.୩**

୧. ୧୯୪୫ ପରେ ପରେ ସୋଭିଏତ୍ ରୁଷ ଅନେକ ସ୍ୱାଧୀନତା ସଂଗ୍ରାମକୁ ସାହାଯ୍ୟ ପ୍ରଦାନ କରିଥିଲା। ଆମେରିକା କେତେକ ଜାତୀୟ ସ୍ୱାଧୀନତା ସଂଗ୍ରାମକୁ ବିରୋଧ କରିଥିଲା ଏବଂ କେତେକକୁ ପ୍ରୋତ୍ସାହିତ କରିଥିଲା। ମହାଶକ୍ତିମାନେ ଏହି କଥା ଉପରେ ଧ୍ୟାନଦେଇ ଜାତୀୟ ସ୍ୱାଧୀନତା ସଂଗ୍ରାମକୁ ସମର୍ଥନ ଅଥବା ବିରୋଧ କରୁଥିଲେ ଯେ ଏହାଦ୍ୱାରା ତାର ବିରୋଧୀ ମାନଙ୍କ ଉପରେ କଣ ପ୍ରଭାବ ପଡିବ ।

୨. ଦକ୍ଷିଣ କୋରିଆ , ତାଇୱାନ, ହଂଗକଂଗ, ସିଂଗାପୁର

୩. ଆଫ୍ରିକା ଏବଂ ଲାଟିନ ଆମେରିକା

**୨୬.୪**

୧. ସୋଭିଏତ୍ ସଂଘ ସହିତ ଜାପାନ ଆମେରିକା ଏବଂ ଚୀନ ଲୋକ ତାନ୍ତ୍ରିକ ଗଣରାଜ୍ୟର ସମ୍ପର୍କ ୧୯୫୭ ପର ତୁଳନାରେ ପ୍ରଥମରୁ ଉତ୍ତମ ଥିଲା । ଚୀନ ଗଣରାଜ୍ୟର ବ୍ରିଟେନ ସହିତ ଖରାପ ସମ୍ପର୍କ ଥିଲା କାରଣ ଏହାର ହଂଗକଂଗ ଉପରେ ସେ ଅଧିକାର ସାବ୍ୟସ୍ତ କରିଥିଲା (୧୯୯୭ ପର୍ଯ୍ୟନ୍ତ)

୨. ୧୯୮୦ରେ ଚୀନ କମ୍ୟୁନିଷ୍ଟ ପାଟିର ପିଛିଲା ତିନି ଦଶକ ତୁଳନାରେ ଉଦ୍ୟୋଗ ଏକ ଛୋଟ ଅଂଶ ଉପରେ ନିୟନ୍ତ୍ରଣ ଥିଲା ଏବଂ ସେ ବିଶାଳ ବିଦେଶୀ ନିବେଶକୁ ଆମନ୍ତ୍ରିତ ଏବଂ ପ୍ରାପ୍ତ ମଧ୍ୟ କରିଥିଲା ।

୩. ଚୀନ ଗଣରାଜ୍ୟ ଆମେରିକା ବିରୁଦ୍ଧରେ ଭିଏତ୍‌ନାମକୁ ସହାୟତା ଦେଇନଥିଲା କିନ୍ତୁ ସମାଜବାଦୀ ଆଦର୍ଶ ଅନୁସାରେ ତାଙ୍କୁ ଏହା କରିବାର ଉଚିତ୍ ଥିଲା ।

**୨୬.୫**

୧. ଆଧୁନିକୀ କରଣର ସିଦ୍ଧାନ୍ତ

୨. ବଳକା-ଦେୟପ୍ରଦାନ ବିଷୟରେ ସମସ୍ୟାର ନିବାରଣ

୩. ନିର୍ଭରତାର ସିଦ୍ଧାନ୍ତ

୪. କ୍ୟୁବା

୫. ଭେନେଜୁଆଲାର ରାଷ୍ଟ୍ରୀୟନେତା

## ପାଠାନ୍ତ ପ୍ରଶ୍ନ ପାଇଁ ସଂକେତ

୧. ପାରା ୨୬.୧ ଦେଖ



ଟିପ୍ପଣୀ

୨. ପାରା ୨୬.୪ ଦେଖ

୩. ପାରା ୨୬.୨ ଦେଖ

୪. ପାରା ୨୬.୫ ଦେଖ

୫. ପାରା ୨୬.୬ ଦେଖ ଉପପାରା ୪ରୁ ୯

୬. ପାରା ୨୬.୬ ଉପପାରା ୧.୨

## ଶବ୍ଦାବଳୀ

ଉପନିବେଶକରଣରୁ ମୁକ୍ତ - ଏହା ସାମ୍ରାଜ୍ୟବାଦର ଓଲଟା ପ୍ରକୀୟା ଅଟେ । ଯେଉଁଠାରେ ଉପନିବେଶ ରାଜନୈତିକ ଦୃଷ୍ଟିରେ ସ୍ୱତନ୍ତ୍ରରାଷ୍ଟ୍ରରେ ପରିଣତ ହେଉ ଥିଲା ଐତିହାସିକ ଦୃଷ୍ଟିରୁ ୧୯୪୫ରୁ ୧୯୯୦ର ମଧ୍ୟବର୍ତ୍ତୀ ସମୟକୁ କୁହାଯାଏ ।

ଶୀତଳ ଯୁଦ୍ଧ - ୧୯୪୫ରୁ - ୧୯୯୦ ପର୍ଯ୍ୟନ୍ତ ସମୟରେ ଦୁଇ ନୂଆ ମହାଶକ୍ତିମାନେ ନିଜ ମଧ୍ୟରେ ସିଧା ସଳଖ ଯୁଦ୍ଧ ନକରି ଅନ୍ୟର ସାମ୍ରାଜ୍ୟ ବିସ୍ତାରକୁ ବିରୋଧ କରିବା ଆରମ୍ଭ କରିଥିଲେ । ଏହାର ମୁଖ୍ୟ ସଂଘର୍ଷ ଥିଲା ସୋଭିଏତ୍ ସଂଘ ଦ୍ୱାରା ଭିଏତ୍ନାମ ରାଷ୍ଟ୍ରୀୟ ସ୍ୱାଧୀନତା ସଂଗ୍ରାମକୁ ସହାୟତା ପ୍ରଦାନ ଏବଂ ଆମେରିକା ଦ୍ୱାରା ସୋଭିଏତ ସଂଘ ବିରୁଦ୍ଧରେ ଯୁଦ୍ଧରତ ଆଫଗାନୀ ସ୍ୱତନ୍ତ୍ରତା ସୈନ୍ୟଙ୍କୁ ସାହାର୍ଯ୍ୟ କରିବା ।

ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ - ୧୯୫୦ ପୂର୍ବବର୍ତ୍ତୀ ଉପନିବେଶ ରାଷ୍ଟ୍ରମାନଙ୍କରେ ଏକ ସଂଘ । ଉକ୍ତ ରାଷ୍ଟ୍ରଗୁଡିକ ଆମେରିକା ଓ ସୋଭିଏତ୍ ସଂଘ ଉପରେ ନୂଆକରି ନିର୍ଭର କରିବାକୁ ଚାହାନ୍ତି ନାହିଁ । ଏଥିରେ ଭାରତ , ପାକିସ୍ତାନ, ଇଜିପ୍ଟ, କ୍ୟୁବା, ଇଣ୍ଡୋନେସିଆ ଆଦି ରାଷ୍ଟ୍ର ଅର୍ନ୍ତଭୁକ୍ତ । ନିରପେକ୍ଷ ରହିବାର ଶପଥ ନେଇଥିଲେ ମଧ କେତେକ ରାଷ୍ଟ୍ର ସାମରିକ ସୁରକ୍ଷା, ବାଣିଜ୍ୟ ବ୍ୟାପର ଏବଂ ଆର୍ଥିକ ବିନିମୟ ଭଳି କାର୍ଯ୍ୟକ୍ରମରେ କୌଣସି ଏକ ମହାଶକ୍ତି ଉପରେ ନିର୍ଭର କଲେଣି ।

ତୃତୀୟ ବିଶ୍ୱ - ବିକାଶ (ଆର୍ଥିକ ଆଧୁନିକୀକରଣ) ର ଆବଶ୍ୟକତା ଥିବା ପୂର୍ବବର୍ତ୍ତୀ ଉପନିବେଶିକ ରାଷ୍ଟ୍ରଗୁଡିକ ଦର୍ଶାଇବା ପାଇଁ ୧୯୫୦ ଦଶକର ପ୍ରାରମ୍ଭରେ ଗଢାଯାଇଥିବା ଶବ୍ଦ । ପ୍ରଥମ ବିଶ୍ୱ ଯୁକେ, ଆମେରିକା ଏବଂ କାନାଡା ସହିତ ଧନୀ ପୁଞ୍ଜିବାଦୀ ଏବଂ ଅଣକମୁନିଷ୍ଟ ରାଷ୍ଟ୍ରମାନଙ୍କୁ କୁହାଯାଏ । ଦ୍ୱିତୀୟ ବିଶ୍ୱରେ (୧୯୯୦ ପର୍ଯ୍ୟନ୍ତ) ସୋଭିଏତ୍ ସଂଘ





ଏବଂ ଏହାର ସମାଜବାଦୀ ମାର୍ଗ ଅବଲମ୍ବନ କରୁଥିବା ଅନ୍ୟାନ୍ୟ ୟୁରୋପୀୟ ଦେଶ ଅଛନ୍ତି ଯେପରି ପୋଲାଣ୍ଡ ଏବଂ ବୁଲଗେରିଆ ।

ବିକାଶ ସହାୟତା - ଧନୀ ରାଷ୍ଟ୍ର(ବା ଏହି ରାଷ୍ଟ୍ରମାନଙ୍କର ସଂଘ) ଦ୍ୱାରା ଗରିବ ଦେଶମାନଙ୍କୁ ତାଙ୍କର ଆର୍ଥିକ ଆଧୁନିକୀକରଣ ପାଇଁ ଦିଆ ଯାଉଥିବା ଧନ ଅଥବା ଋଣ ରାଶି । ଶୀତଳ ଯୁଦ୍ଧ ସମୟରେ ମହାଶକ୍ତି ଅଥବା ଏମାନଙ୍କର ସହଯୋଗୀ ରାଷ୍ଟ୍ରଦ୍ୱାରା ବିକାଶ ସହାୟତା ରାଶି ପ୍ରଦାନକରି ଉପନିବେଶିକ ରାଷ୍ଟ୍ରମାନଙ୍କୁ ଆମେରିକା ବା ସୋଭିଏତ୍ ଋଷର ପକ୍ଷଭୁକ୍ତ କରିବା ପାଇଁ ପ୍ରୟାସ କରାଯାଇଥିଲା ।

ଆଧୁନିକୀକରଣର ସିଦ୍ଧାନ୍ତ - ଆମେରିକାର ଅର୍ଥଶାସ୍ତ୍ରୀ ଡବ୍ଲୁ.ଡବ୍ଲୁ.ରୋଷ୍ଟୋଙ୍କ ଦ୍ୱାରା ୧୯୫୦ ଦଶକରେ ପ୍ରତିପାଦିତ ଆର୍ଥିକ ବିକାଶର ସିଦ୍ଧାନ୍ତ । ସେ ବିଶ୍ୱାସ କରୁଥିଲେ ଯେ ଆର୍ଥିକବିକାଶ ଏବଂ ଆଧୁନିକୀକରଣରେ ଔଦ୍ୟୋଗୀକରଣ /ଶିଳ୍ପାୟନ ଅନ୍ତର୍ଭୁକ୍ତ ହେବ କିନ୍ତୁ ଏହା ପୁଞ୍ଜୀବାଦୀ କୃଷିର ବିକାଶର ଆଗରୁ ହେବା ଦରକାର । ମୋଟ ଉପରେ କହିବାକୁ ଗଲେ ବ୍ରିଟେନ, ଆମେରିକା, ଓ ଜର୍ମାନୀ ଏପରି ଉଦାହରଣ ଥିଲେ ଯାହାକୁ ତୃତୀୟ ବିଶ୍ୱର ଦେଶମାନେ ଅନୁସରଣ କଲେ ।

ବଜାରର ସମାଜବାଦ - ଚୀନ ଲୋକ ତାନ୍ତ୍ରିକ ଗଣରାଜ୍ୟର ନେତାମାନଙ୍କ ଦ୍ୱାରା ୧୯୮୦ ମସିହାରୁ ନିଜର ବିକାଶ ପାଇଁ ମିଶ୍ରିତ ବା ସଂଯୁକ୍ତ ରଣନୀତକୁ ପରିଭାଷିତ କରିବା ପାଇଁ ଶବ୍ଦ । ସାରା ଦେଶରେ ସଶକ୍ତ କେନ୍ଦ୍ରୀୟ (ଆର୍ଥିକ) ଯୋଜନା ଏବଂ ସମ୍ପଦ ଉପରେ (ଉତ୍ପାଦନ ସାମଗ୍ରୀ ରାଷ୍ଟ୍ରରେ ପ୍ରଭୁତ୍ୱକୁ ବଜାଇ ରଖି, ଯାହାକୁ ୧୯୮୦ ମସିହା ପୂର୍ବରୁ ଥିଲା ।)ବିଦେଶୀ ଅଶଂଧନକାରୀ ମାନଙ୍କୁ ପୁଞ୍ଜିପତି ସହିତ ନିଜସ୍ୱ ନିବେଶକମାନଙ୍କୁ ଲାଭ କରିବା ଅନୁମତି ଦିଆଯାଇଥାଏ । ବିଦେଶୀ ଅଶଂଧନକାରୀ ମାନଙ୍କୁ ପୁଞ୍ଜୀପତି ମାନଙ୍କ ସହିତ ନିଜ ନିଜର ନିବେଶକ ମାନଙ୍କ ପାଇଁ ଲାଭ କରିବା ଉଦ୍ଦେଶ୍ୟରେ ଅନୁମତି ପ୍ରଦାନ କରାଯାଥିଲା । ବିଶେଷ "ମୁକ୍ତ ଉଦ୍ୟମ କ୍ଷେତ୍ର"କୁ ମାନ୍ୟତା ପ୍ରଦାନକରି ଚୀନ ସେଥିରେ ପୁଞ୍ଜୀବାଦୀ କାର୍ଯ୍ୟ ଚଳାଇବା ପାଇଁ ଅନୁମତି ଦେଇଥିଲା ।